## ଆଜିଠୁ ନୂଆ ଏସ୍ଓପି ଅନୁଯାୟୀ ଦର୍ଶନ

**ପୁରୀ ଅଫିସ:** ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଜାରି ନୂତନ ଏସ୍ଓପି ଅନୁଯାୟୀ ସୋମବାରଠାରୁ ଶ୍ରଦ୍ଧାଳୁମାନେ ମହାପ୍ରଭୁଙ୍କ ଦର୍ଶନ କରିବେ। ଏଣିକି କୋଭିଡ୍ ପ୍ରମାଣପତ୍ର କିମ୍ବା ଆର୍‌ଟି-ପିସିଆର୍ ନେଗେଟିଭ ସାର୍ଟିଫିକେଟ ଆବଶ୍ୟକତା ପଡ଼ିବ ନାହିଁ। ସକାଳ ୬ଟାରୁ ରାତି ୯ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ଚାଲିବ। ବରିଷ୍ଠ ନାଗରିକଙ୍କ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ସେହିଭଳି ଭକ୍ତମାନଙ୍କ ପାଇଁ ପିଇବା ପାଣି ବ୍ୟବସ୍ଥା କରାଯିବ ବୋଲି ସୂଚନା ମିଳିଛି। ତେବେ ପୂର୍ବଭଳି ରବିବାର ଭକ୍ତଙ୍କ ଲାଗି ଶ୍ରୀମନ୍ଦିର ବନ୍ଦ ରହିବ।



ପୁରୀ ଶରଧାବାଲିଠାରେ ରବିବାର ଆୟୋଜିତ ପ୍ରଭୁପାଦ ଭକ୍ତି ସିଦ୍ଧାନ୍ତ ସରସ୍ୱତୀ ଗୋସ୍ୱାମୀ ମହାରାଜଙ୍କ ୧୫୦ତମ ଜନ୍ମତିଥି ତଥା ବିଶ୍ୱ ବୈଷ୍ଣବ ସମ୍ମିଳନୀରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ତାଙ୍କ ସହଧର୍ମିଣୀ ସବିତା କୋବିନ୍ଦ, ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରମୁଖ ମଞ୍ଚାସୀନ।

# କରୋନାରୁ ମାନବଜାତିର ମୁକ୍ତି ପାଇଁ ପ୍ରାର୍ଥନା କରିଛି: ରାଷ୍ଟ୍ରପତି

**ପୁରୀ ଅଫିସ,୨୦।୨**

ଶରଧାବାଲିରେ ରବିବାର ଅନୁଷ୍ଠିତ ପ୍ରଭୁପାଦ ଭକ୍ତି ସିଦ୍ଧାନ୍ତ ସରସ୍ୱତୀ ଗୋସ୍ୱାମୀ ମହାରାଜଙ୍କ ୧୫୦ତମ ଜନ୍ମତିଥି ତଥା ବିଶ୍ୱ ବୈଷ୍ଣବ ସମ୍ମିଳନୀରେ ରାଷ୍ଟ୍ରପତି ଯୋଗଦେଇ ଥିଲେ। ଏହି ଅବସରରେ ସେ କହିଥିଲେ, ଶ୍ରୀକ୍ଷେତ୍ରରେ ପହଞ୍ଚି ପ୍ରଥମେ ମହାପ୍ରଭୁଙ୍କୁ ଦର୍ଶନ କଲି। ବିଶ୍ୱ ଯେଉଁ ଅଦୃଶ୍ୟ କରୋନାରେ ଜର୍ଜରିତ ହେଉଛି, ସେଥିରୁ ସମସ୍ତଙ୍କୁ ଉଦ୍ଧାର କରିବା ପାଇଁ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଛି। ମହାପ୍ରଭୁଙ୍କୁ ଦର୍ଶନ କରିବା ଓ ଶ୍ରୀକ୍ଷେତ୍ରକୁ ଆସିବା ମୋ' ପାଇଁ ସୌଭାଗ୍ୟର କଥା।


ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ରବିବାର ଭୁବନେଶ୍ୱର ବିମାନବନ୍ଦରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଦାୟ ଦେଉଛନ୍ତି।

## ଫେରିବା ବାଟରେ କିଛି ସମୟ ଅଟକିଲେ

ରାଷ୍ଟ୍ରପତି ଶରଧାବାଲିରେ ଗୌଡୀୟ ମିଶନ ପକ୍ଷରୁ ଆୟୋଜିତ ବିଶ୍ୱ ବୈଷ୍ଣବ ସମ୍ମିଳନୀରେ ଯୋଗଦେଇ କାର୍ଯ୍ୟକ୍ରମ ସାରି କଡ଼ା ସୁରକ୍ଷା ମଧ୍ୟରେ ରାଜଭବନ ଫେରୁଥିଲେ। ଏହି ସମୟରେ ଶରଧାବାଲି ରାସ୍ତା ଦୁଇପାର୍ଶ୍ୱରେ ଠିଆ ହୋଇଥିବା ଲୋକଙ୍କୁ ଦେଖି ରାଷ୍ଟ୍ରପତିଙ୍କ କାର୍ ଅଟକି ଯାଇଥିଲା। କିଛି ସମସ୍ୟା ହୋଇଥିବା ଭାବି ସୁରକ୍ଷାକର୍ମୀମାନେ ରାଷ୍ଟ୍ରପତିଙ୍କ କାର ନିକଟକୁ ଆସି ଘେରି ରହିଥିଲେ। ତେବେ କାର୍‌ରୁ ରାଷ୍ଟ୍ରପତି ବାହାରି ରାସ୍ତାକଡ଼ରେ ଠିଆ ହୋଇଥିବା ଲୋକଙ୍କୁ ହାତ ହଲାଇ ଏବଂ ନମସ୍କାର କରି ଅଭିବାଦନ ଜଣାଇଥିଲେ। ପ୍ରତିବଦଳରେ ଉପସ୍ଥିତ ଜନ ସାଧାରଣ ରାଷ୍ଟ୍ରପତିଙ୍କୁ ମଧ୍ୟ ହାତ ହଲାଇ ଅଭିବାଦନ ଜଣାଇଥିଲେ। ଏହାକୁ ନେଇ ଲୋକଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଥିଲା। ପରେ ରାଷ୍ଟ୍ରପତି ନିଜ କାର୍‌ରେ ବସି ରାଜଭବନ ଅଭିମୁଖେ ଚାଲିଯାଇଥିଲେ।

## ଫେରିଗଲେ ରାଷ୍ଟ୍ରପତି

ରାଷ୍ଟ୍ରପତି ରାମନାଥ କୋବିନ୍ଦ ଦୁଇଦିନିଆ ଓଡ଼ିଶା ଗସ୍ତ ସାରି ରବିବାର ଅପରାହ୍ନରେ ବିଶାଖାପାଟଣା ଅଭିମୁଖେ ଫେରିଯାଇଛନ୍ତି। ତାଙ୍କୁ ଭୁବନେଶ୍ୱର ବିମାନ ବନ୍ଦରରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ପୋଲିସ ମହାନିର୍ଦ୍ଦେଶକ ସୁନୀଲ ବଂଶଲ, ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଏବଂ ଖୋର୍ଦ୍ଧା ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ପ୍ରମୁଖ ବିଦାୟ ଦେଇଥିଲେ।

## ରାଜଭବନ ଉଦ୍ୟାନରେ ଚାରାରୋପଣ କଲେ




ରାଷ୍ଟ୍ରପତି ରାମନାଥ କୋବିନ୍ଦ ଚଳିତ ଥର ତୃତୀୟ ଥର ପାଇଁ ପୁରୀ ଗସ୍ତରେ ଆସିଥିଲେ। ତେବେ ପ୍ରଥମ ଥର ପାଇଁ ପୁରୀ ରାଜଭବନରେ ରହିଥିଲେ। ଏହି ଅବସରରେ ସେ ରବିବାର ରାଜଭବନର ଶିଳା ଉଦ୍ୟାନରେ ଚାରାରୋପଣ କରିଥିଲେ। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, କିଛିମାସ ତଳେ ରାଜଭବନର ପୁନରୁଦ୍ଧାର ସହ ଏଠାକାର ଉଦ୍ୟାନକୁ ନୂଆ ରୂପ ଦିଆଯାଇଥିଲା, ଯାହାକୁ ଶିଳା ଉଦ୍ୟାନ ନାମରେ ନାମକରଣ କରାଯାଇଛି।


ରାଷ୍ଟ୍ରପତି ରାମନାଥ କୋବିନ୍ଦ ପୁରୀ ଗୌଡୀୟ ମଠ ବୁଲି ଦେଖୁଛନ୍ତି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ସତ୍ୟଜିତ୍


@ ଅଜୟ


@ ରାଜଲକ୍ଷ୍ମୀ


@ ମାନସ


@ ଦୀପକ


@ ବାଲକୃଷ୍ଣ

## 'ଲେଖି ନ ଜାଣି ଅକ୍ଷର ଦୋଷ' ପୁସ୍ତକ ଉନ୍ମୋଚିତ

**ଭୁବନେଶ୍ୱର,୨୦।୨(ବ୍ୟୁରୋ):** ବିଶ୍ୱ ମାତୃଭାଷା ଦିବସରେ ରବିବାର ବନ୍ଧୁଘର ସାହିତ୍ୟ ପିଣ୍ଡା ପ୍ରକାଶିତ ପ୍ରାବନ୍ଧିକ ବୈଷ୍ଣବ ଚରଣ ମହାନ୍ତିଙ୍କ ପୁସ୍ତକ 'ଲେଖି ନ ଜାଣି ଅକ୍ଷର ଦୋଷ'ର ଉନ୍ମୋଚନ ଉତ୍ସବ ଆମ ଓଡ଼ିଶା ସଭା କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସ୍ୱରାଜ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡ. ଭଗବାନ ପ୍ରକାଶ, ମୁଖ୍ୟବକ୍ତା ଭାବେ ଅଧ୍ୟାପକ ବିଶ୍ୱରଞ୍ଜନ ଓ ସମୀକ୍ଷକ ରୂପେ ସାହିତ୍ୟିକ ଅସିତ ମହାନ୍ତି ଯୋଗ ଦେଇଥିଲେ। ସାହିତ୍ୟ ପିଣ୍ଡାର ଟ୍ରଷ୍ଟି ସୁଧାଂଶୁ କୁମାର ମହାନ୍ତି ପ୍ରବନ୍ଧ ସାହିତ୍ୟ ସହ ଗପ, କବିତା, ନାଟକ ଆଦି ରଚନାର ତୁଳନାତ୍ମକ ଆଲୋଚନା କରିଥିଲେ। ଓଡ଼ିଆ ଭାଷାକୁ ନେଇ ରଚିତ ୪୩୨ ପୃଷ୍ଠା ବିଶିଷ୍ଟ ଏହି ବହିରେ ବଡ଼ ରୋଚକ ଶୈଳୀରେ କମା, ପୂର୍ବଚ୍ଛେଦ ପ୍ରୟୋଗର ଆବଶ୍ୟକତା ଓ ଇତିହାସ, ଅନୁବାଦକ ଅସୁବିଧା, ପୁସ୍ତକ ମୁଦ୍ରଣର ଇତିହାସ, ଓଡ଼ିଆ ଅକ୍ଷରର ବିବର୍ତ୍ତନ ଆଦି ସ୍ଥାନ ପାଇଛି। ମାଡ୍ରାସ ବିଶ୍ୱବିଦ୍ୟାଳୟର ପ୍ରଫେସର ସିନିରୁଦ୍ଧ ଦାସ, ଡ. ମମତା ଦାଶ, ସ୍ତମ୍ଭକାର ଜାନକୀଶ ବଡପଣ୍ଡା, ସୂଚନା ଓ ଲୋକ ସମ୍ପର୍କ ବିଭାଗର ପୂର୍ବତନ ନିର୍ଦ୍ଦେଶକ ବୈଷ୍ଣବ ପ୍ରସାଦ ମହାନ୍ତି, ପୂର୍ବତନ ଉଚ୍ଚଶିକ୍ଷା ନିର୍ଦ୍ଦେଶିକା ପ୍ରଫେସର ନିବେଦିତା ଜେନା, ସଙ୍ଗୀତଜ୍ଞ ବିବୁ ଦାସ, ପାଲୀ ଦାସ, ପ୍ରଶାସକ ଜଗନ୍ନାଥ ମହାନ୍ତି, ଚନ୍ଦ୍ରଶେଖର ଦାଶ, ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର ସନ୍ତୋଷ ତ୍ରିପାଠୀ, ଦୂରଦର୍ଶନର ପୂର୍ବତନ ଉପମହା ନିର୍ଦ୍ଦେଶକ ଶାନ୍ତନୁ ରଥ ଓ ରବି ମିଶ୍ର, ନାଟ୍ୟକାର ଆନନ୍ଦ ପହି, ସନ୍ତୋଷ ମହାପାତ୍ର, ନାରାୟଣ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଶରତ ଚନ୍ଦ୍ର ସାମନ୍ତଙ୍କୁ 'ବନ୍ଧୁଘର ସାହିତ୍ୟ ପିଣ୍ଡା ଶ୍ରେଷ୍ଠ ପାଠକ ସମ୍ମାନ' ଓ ନିରଞ୍ଜନ ପଣ୍ଡାଙ୍କୁ 'ଶ୍ରେଷ୍ଠ ମୁଦ୍ରାକର ସମ୍ମାନ' ପ୍ରଦାନ କରାଯାଇଥିଲା।

# ନକଲି ଡାକ୍ତରଙ୍କ ଠକେଇ ପେଡ଼ି ଖୋଲୁଛି

**ଭୁବନେଶ୍ୱର, ୨୦।୨(ବ୍ୟୁରୋ)**

### ୫ଦିନିଆ ରିମାଣ୍ଡର ଦ୍ୱିତୀୟ ଦିନ



- ଏମ୍ସ, ଇଫ୍‌କୋରେ ଚାକିରି ଦେବା ନାଁରେ ୧୨.୯୨ଲକ୍ଷ ଠକେଇ
- ରୁଜୁ ହେଲା ଆଉଏକ ମାମଲା

ଅର୍ଥ ପାଇଁ ୧୭ଜଣଙ୍କୁ ବିବାହ କରିଥିବା ରସିକିଆ ନକଲି ଡାକ୍ତର ରମେଶ ଚନ୍ଦ୍ର ସ୍ୱାଇଁଙ୍କ ଠକେଇ ପେଡି ଖୋଲିବାରେ ଲାଗିଛି। ଶନିବାରଠାରୁ ୫ଦିନିଆ ରିମାଣ୍ଡରେ ଆଣି କମିଶନରେଟ ପୋଲିସ ମାରାଥନ୍ ଜେରା କରୁଛି। ରବିବାର ରିମାଣ୍ଡର ଦ୍ୱିତୀୟ ଦିନରେ ମହିଳା ଥାନା, ସାଇବର, ଆଣ୍ଟିଫ୍ରଡ୍ ସେଲ୍ ଓ ସ୍ପେଶାଲ ସ୍କ୍ୱାଡ୍‌କୁ ନେଇ ଗଠିତ ସ୍ୱତନ୍ତ୍ର ଟିମ୍ ତାଙ୍କୁ ଜେରା କରି ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିଛି। ମହିଳାଙ୍କୁ ପ୍ରତାରିତ କରିବା ଓ ଠକେଇ ମାମଲାରେ ବିଭିନ୍ନ ଦିଗକୁ ନେଇ ସ୍ୱତନ୍ତ୍ର ଟିମ୍ ଅନୁସନ୍ଧାନ ଜାରି ରଖିଛି। ପୋଲିସ ଟିମ୍ ରମେଶଙ୍କୁ ୮ ଘଣ୍ଟାରୁ ଅଧିକ ସମୟ ଜେରା କରିଥିଲା। ବିଭିନ୍ନ ପ୍ରଶ୍ନର ସେ ସନ୍ତୋଷଜନକ ଉତ୍ତର ଦେଇ ନ ଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ତେବେ ଅଭିଯୁକ୍ତ ରମେଶ ନିଜକୁ କେନ୍ଦ୍ର ସରକାରଙ୍କ ଅଧିକାରୀ ବୋଲି ପରିଚୟ ଦେଇ କୋଲକାତାର ଜଣେ ବ୍ୟବସାୟୀଙ୍କଠାରୁ ହ୍ୟାଚେରି ମେଶିନ କିଣି ୧ ଲକ୍ଷରୁ ଅଧିକ ଟଙ୍କା ଠକିଥିବା ଅଭିଯୋଗ ଆସିଛି। ଅନ୍ୟପକ୍ଷରେ ରମେଶଙ୍କ ନାମରେ ଭୁବନେଶ୍ୱର ସହରାଞ୍ଚଳ ପୋଲିସ ଜିଲାର ୨ଟି ଥାନାରେ ୨ ମାମଲା ଥିବାବେଳେ ଭରତପୁର ଥାନାରେ ଏବେ ଆଉଏକ ମାମଲା ରୁଜୁ କରାଯାଇଛି। ଏମ୍ସରେ ଚାକିରି ଦେବାକୁ କହି ଜଣେ ଯୁବକଙ୍କଠାରୁ ୧୨ ଲକ୍ଷ ୯୨ ହଜାର ଠକିଛନ୍ତି। ଏନେଇ ଭରତପୁର ଥାନା ପୋଲିସ ରମେଶଙ୍କ ନାମରେ ଏକ ମାମଲା (ନଂ.୬୨/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ପୋଲିସ ସୂଚନା ଅନୁଯାୟୀ, ଫୁଲେଶ୍ୱର ବସ୍ତିରେ ରହୁଥିବା ସଞ୍ଜୟ କୁମାର ଦାସଙ୍କ ସହ ରମେଶଙ୍କର ୨୦୨୧ ଜାନୁୟାରୀରେ ପରିଚୟ ହୋଇଥିଲା। ରମେଶ ତାଙ୍କୁ କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ମନ୍ତ୍ରାଳୟର ଅତିରିକ୍ତ ସଚିବ ବୋଲି ପରିଚୟ ଦେଇ ଏମ୍ସ କିମ୍ବା ଇଫ୍‌କୋରେ ଚାକିରି କରାଇଦେବାକୁ କହି ବିଭିନ୍ନ ପର୍ଯ୍ୟାୟରେ ୧୨ ଲକ୍ଷ ୯୨ ହଜାର ଟଙ୍କା ନେଇ ଠକିଥିଲେ। ଗଣମାଧ୍ୟମରେ ରମେଶଙ୍କ କଳାକାରନାମା ଜାଣିବା ପରେ ସଞ୍ଜୟ ଶନିବାର ଥାନାରେ ଅଭିଯୋଗ କରିଥିଲେ। ତେବେ ଏହି ମାମଲାରେ ଅଧିକ ତଦନ୍ତ ପାଇଁ ରମେଶଙ୍କୁ ଆଉଥରେ ରିମାଣ୍ଡରେ ଆଣିବାକୁ କୋର୍ଟରେ ଆବେଦନ କରାଯିବ ବୋଲି ତଦନ୍ତକାରୀ ଅଫିସର ବିଜୟ ଦାସ କହିଛନ୍ତି।

ଉଲ୍ଲେଖଯୋଗ୍ୟ, ଅଭିଯୁକ୍ତ ରମେଶ ବିଭିନ୍ନ ମାଟ୍ରିମୋନିଆଲ୍ ସାଇଟ୍ ଏବଂ ସୋସିଆଲ୍ ମିଡିଆରୁ ଉଚ୍ଚଶିକ୍ଷିତା ମହିଳାଙ୍କ ସହିତ ସମ୍ପର୍କ ଯୋଡ଼ିବା ସହ ମିଥ୍ୟା ପରିଚୟ ଓ ପ୍ରତିଶ୍ରୁତି ଦେଇ ଫସାଇ ବିବାହ କରୁଥିଲେ। ବିଶେଷକରି ଏକୁଟିଆ ରହୁଥିବା ମଧ୍ୟବୟସ୍କା ମହିଳାଙ୍କୁ ସେ ଟାର୍ଗେଟ କରୁଥିଲେ। ଏହାପରେ ସୁବିଧା ଦେଖି ଟଙ୍କା, ସୁନା ଓ ସମ୍ପତ୍ତି ଲୁଟୁଥିଲେ। ତେବେ ରମେଶଙ୍କ ଦ୍ୱାରା ପ୍ରତାରଣାର ଶିକାର ହୋଇଥିବା ଦିଲ୍ଲୀର ଜଣେ ମହିଳା ଗତବର୍ଷ ଜୁଲାଇରେ ଭୁବନେଶ୍ୱର ମହିଳା ଥାନାରେ ଅଭିଯୋଗ କରିବା ପରେ କମିଶନରେଟ ପୋଲିସ ତାଙ୍କୁ ଗିରଫ କରିଥିଲା। ତେବେ ତଦନ୍ତବେଳେ ତାଙ୍କର ଚାକିରି ଓ ନାମଲେଖା ଠକେଇ ପଦାକୁ ଆସିଥିଲା।

# 'ଆଦିବାସୀଙ୍କ ବିକାଶ କ୍ଷେତ୍ରରେ ଗବେଷଣା ଆବଶ୍ୟକ'

**କଟକ ଅଫିସ,୨୦।୨**

### ଏମ୍ଓୟୁ ସ୍ୱାକ୍ଷରିତ

ସେଣ୍ଟର ଫର ଆଦିବାସୀ ରିସର୍ଚ୍ଚ ଆଣ୍ଡ ଡେଭଲପମେଣ୍ଟ ଓଡ଼ିଶା (କାର୍ଡ) ଓ କୋଲକାତାସ୍ଥିତ ନ୍ୟାଶନାଲ ୟୁନିଭର୍ସିଟି ଅଫ ଜୁଡିସିଆଲ ସାଇନ୍ସ ମଧ୍ୟରେ ଅନ୍‌ଲାଇନ ମାଧ୍ୟମରେ ଶନିବାର ଦଶବର୍ଷିଆ ବୁଝାମଣାପତ୍ର (ଏମଓୟୁ)ସ୍ୱାକ୍ଷରିତ ହୋଇଛି। ନ୍ୟାଶନାଲ ୟୁନିଭର୍ସିଟି ଅଫ୍ ଜୁଡିସିଆଲ ସାଇନ୍ସର କୁଳପତି ପ୍ରଫେସର ନିର୍ମଳ କେ. ଚକ୍ରବର୍ତ୍ତୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ରେଭେନ୍ସା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସଞ୍ଜୟ କୁମାର ନାୟକ ଯୋଗଦେଇ କହିଥିଲେ, ଆଦିବାସୀଙ୍କ ବିକାଶ କ୍ଷେତ୍ରରେ ଗବେଷଣାର ଉପଯୋଗିତା ଏକାନ୍ତ ଆବଶ୍ୟକ। ଏହି ଏମ୍ଓୟୁ ଓଡ଼ିଶା ଓ ପଶ୍ଚିମବଙ୍ଗ ଆଦିବାସୀମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ସାମାଜିକ ଜୀବନରେ ବିକାଶ ପାଇଁ ସହାୟକ ହେବ। ଏଥିସହ ବିଶ୍ୱର ଆଦିବାସୀମାନଙ୍କୁ ଯୋଡିବା କ୍ଷେତ୍ରରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ସେ କହିଥିଲେ। ଏଥିରେ କାର୍ଡର ନିର୍ଦ୍ଦେଶକ ଡ. ବିକ୍ରମ କେଶରୀ ଜେନା ପୌରୋହିତ୍ୟ କରିଥିବାବେଳେ ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ, ଫକୀର ମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ ତ୍ରିପାଠୀ, ପ୍ରଫେସର ଚଣ୍ଡୀ ପ୍ରସାଦ ନନ୍ଦ , କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ପ୍ରଫେସର ଜେରେମି ଇମୋ ସରମନ ଓ ଆମେରିକାସ୍ଥିତ ଟେକ୍ସାସ ବିଶ୍ୱବିଦ୍ୟାଳୟର ପ୍ରଫେସର ଆମିଶୋ ଜର୍ଜ, ପଦ୍ମଶ୍ରୀ ଡ. ଦମୟନ୍ତୀ ବେଶ୍ରା ପ୍ରମୁଖ ଉପସ୍ଥିତ ଥିଲେ।

# ଅପମିଶ୍ରିତ ମସଲା କାରଖାନା ମାଲିକ ଗିରଫ

**କଟକ ସଦର, ୨୦।୨(ଡି.ଏନ୍.ଏ.)**

୪୨ ମୌଜା ଥାନା ଅନ୍ତର୍ଗତ ଦିବାଟିଠାରେ ଥିବା ଏକ ଅପମିଶ୍ରିତ ମସଲା କାରଖାନାରେ ଶନିବାର ପୋଲିସ ଓ କଟକ ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୫ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଅପମିଶ୍ରିତ ଲଙ୍କା, ହଳଦୀ ଓ ଜିରାଗୁଣ୍ଡ ସହ କଞ୍ଚାମାଲ ଓ ଯନ୍ତ୍ରାଂଶ ଜବତ କରାଯାଇଥିଲା। ଏହି ଘଟଣାରେ କାରଖାନା ମାଲିକ କଟକ ମଧୁପାଟଣା ଥାନା ଅନ୍ତର୍ଗତ କାଜିଡିହ ଗ୍ରାମର ଅଜୟ ଦାସ(୫୦)ଙ୍କୁ ପୋଲିସ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ଏ ନେଇ ଥାନାରେ ଏକ ମାମଲା(ନଂ. ୨୭/୨୨) ରୁଜୁ ହୋଇଛି। ଉକ୍ତ କାରଖାନାରେ ପୋକରା ଚାଉଳ ଓ କେମିକାଲ ଗୁଣ୍ଡ ମିଶାଯାଇ ଲଙ୍କା, ହଳଦୀ, ଜିରାଗୁଣ୍ଡ ପ୍ରସ୍ତୁତ ହେଉଥିବା ଯାଞ୍ଚବେଳେ ଜଣାପଡିଥିଲା। ଏହି ମସଲା କଟକ ସହରର ବିଭିନ୍ନ ଦୋକାନ ଓ ମାଲଗୋଦାମକୁ ବିକ୍ରି ପାଇଁ ପଠାଯାଉଥିଲା ବୋଲି ୪୨ ମୌଜା ଥାନାଧିକାରୀ ଅନିତା ସାହୁ କହିଛନ୍ତି।

# ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ପ୍ରିୟାଂଶୀ

## ୨୨ ସେକେଣ୍ଡରେ ୫୧ ଓଡ଼ିଶୀ ହସ୍ତମୁଦ୍ରା ପ୍ରଦର୍ଶନ

**କଟକ ଅଫିସ,୨୦।୨**




କଟକ କଲେଜ ଛକସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ପଞ୍ଚମ ଶ୍ରେଣୀ ଛାତ୍ରୀ ପ୍ରିୟାଂଶୀ ପ୍ରିୟଦର୍ଶନୀ ଶନିବାର ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇଛନ୍ତି। ସେ ମାତ୍ର ୨୨ ସେକେଣ୍ଡରେ ଓଡ଼ିଶୀ ନୃତ୍ୟର ୫୧ଟି ଜଟିଳ ହସ୍ତମୁଦ୍ରାକୁ ସହଜରେ ପ୍ରଦର୍ଶନ କରିପାରିଛନ୍ତି। ମନୋରଞ୍ଜନ ସ୍ୱାଇଁ ଓ ପି.ଏସ୍. ପ୍ରିୟଦର୍ଶନୀଙ୍କ ଝିଅ ହେଉଛନ୍ତି ପ୍ରିୟାଂଶୀ। ଶିକ୍ଷା ସମେତ ଓଡ଼ିଶୀ ନୃତ୍ୟ, ମଡେଲିଂ, ପେଣ୍ଟିଂ ଓ ବକ୍ତୃତା ଆଦିରେ ତାଙ୍କର ପାରଦର୍ଶିତା ରହିଛି। ଓଡ଼ିଶୀର ସମସ୍ତ ହସ୍ତମୁଦ୍ରାକୁ ସେ ନିଖୁଣ ଭାବେ ପ୍ରଦର୍ଶନ କରିପାରୁଛନ୍ତି। ଏଭଳି ପ୍ରତିଭା ଯୋଗୁ ସେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇ କଟକ ସହର ତଥା ରାଜ୍ୟ ପାଇଁ ଗୌରବ ଅର୍ଜନ କରିଛନ୍ତି ବୋଲି ସେଣ୍ଟ ଜାଭିୟର୍ସ ହାଇସ୍କୁଲର ପରିଚାଳନା ନିର୍ଦ୍ଦେଶକ ପ୍ରଭୁ ମହାନ୍ତି ଏକ ପ୍ରେସ୍ ରିଲିଜ୍‌ରେ ଜଣାଇଛନ୍ତି।

## ସଂକ୍ଷେପରେ

### ଭାଷା ସଂସ୍କୃତି ସମାଜର ମାସିକ ଆଲୋଚନାଚକ୍ର, କବିତା ପାଠ

ଭୁବନେଶ୍ୱର,୨୦।୨(ବ୍ୟୁରୋ): ସାହିତ୍ୟାନୁଷ୍ଠାନ ଭାଷା ସଂସ୍କୃତି ସମାଜର ମାସିକ ଆଲୋଚନାଚକ୍ର ଓ କବିତା ପାଠ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ନିକୋ ପାର୍କ ନିକଟ ସୁନଦେଇ ମନ୍ଦିର ସଭା ଗୃହରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଉପଦେଷ୍ଟା ଆଇନଜୀବୀ ନଟବର ମହାନ୍ତି ସଭାପତିତ୍ୱ କରିଥିଲେ। 'ଓଡ଼ିଆ କବିତା : ଭାଷା ଓ ଶବ୍ଦର ପ୍ରୟୋଗ' ବିଷୟରେ ଆଲୋଚନା କରାଯାଇଥିଲା। ଭାଷା ଓ ଗବେଷଣାବିତ୍ ସୀମାଞ୍ଚଳ ପଣ୍ଡା ଆଲୋଚକ ଭାବେ ଯୋଗ ଦେଇଥିଲେ। ଏହି ଅବସରରେ କବିତା ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯୋଗେନ୍ଦ୍ର ନାୟକ, କସ୍ତୁରି ଚରଣ ଦାସ, ବିଦ୍ୟାଧର ଗୁରୁ, ପ୍ରଶାନ୍ତ ପାଇକରାୟ, ଶରତ ସାହୁ, ଇତିଶ୍ରୀ ପତି ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ।

### ହିନ୍ଦୀ ଭାଷାର ପ୍ରଚାର, ପ୍ରସାରକୁ ଗୁରୁତ୍ୱ

ଭୁବନେଶ୍ୱର,୨୦।୨(ବ୍ୟୁରୋ): ଉତ୍କଳ ବିଶ୍ୱବିଦ୍ୟାଳୟ ହିନ୍ଦୀ ବିଭାଗର ସ୍ୱାଗତ ଉତ୍ସବ ପ୍ରଫେସର ଡ.ସୁବାସ ଚନ୍ଦ୍ର ଦାଶଙ୍କ ପୌରୋହିତ୍ୟରେ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ କେନ୍ଦ୍ର ସରକାରଙ୍କ 'ରାଜଭାଷା' ସଦସ୍ୟ ପଣ୍ଡିତ ପ୍ରବୋଧ କୁମାର ମିଶ୍ର ଯୋଗଦେଇ କହିଲେ, ସଂସ୍କୃତ ଓ ହିନ୍ଦୀ ଭାଷା ପରସ୍ପର ପରିପୂରକ। ହିନ୍ଦୀ ଭାଷା ପ୍ରଚାର ଓ ପ୍ରସାର ତଥା ଶିକ୍ଷାଦାନକୁ ତ୍ୱରାନ୍ୱିତ କରିବାକୁ ପଡ଼ିବ। ମୁଖ୍ୟ ବକ୍ତା ପ୍ରଫେସର ବ୍ରଜସୁନ୍ଦର ମିଶ୍ର କହିଥିଲେ, ରାଜଭାଷାକୁ ଅଧିକ ଲୋକପ୍ରିୟ କରିବା ଦିଗରେ ଛାତ୍ରୀଛାତ୍ର ଉଦାହରଣ ସୃଷ୍ଟି କରନ୍ତୁ। ବିଭାଗୀୟ ଅଧ୍ୟାପିକା ରଶ୍ମିରେଖା ବେହେରା ଓ ପାର୍ବତୀ ବାରିକ ବିଭାଗୀୟ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଦେବାର୍ଚ୍ଚନ ଚକ୍ରବର୍ତ୍ତୀ ସଭା ସଞ୍ଚାଳନ କରିଥିଲେ। ଉତ୍କଳ ସଂସ୍କୃତ ଶିକ୍ଷା ସମ୍ପାଦକ ନରସିଂହ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

### ଜିଲା ପରିଷଦ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କଲେ ମନ୍ତ୍ରୀ

ଭୁବନେଶ୍ୱର,୨୦।୨(ବ୍ୟୁରୋ): ଆସନ୍ତା ୨୨ତାରିଖରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ୪ର୍ଥ ପର୍ଯ୍ୟାୟ ମତଦାନ ଅନୁଷ୍ଠିତ ହେବ। ଏନେଇ ରବିବାର ମତଦାନ ହେବାକୁ ଥିବା ଅଞ୍ଚଳରେ ପ୍ରଚାର କାର୍ଯ୍ୟକ୍ରମ ଶେଷ ହୋଇଛି। ଏହି ପରିପ୍ରେକ୍ଷୀରେ ୨୯ନମ୍ବର ଜୋନ ଜିଲା ପରିଷଦ ବିଜେଡି ପ୍ରାର୍ଥୀ ସୁବାସ କୁମାର ସୁନ୍ଦରାୟଙ୍କ ପାଇଁ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ବିଭିନ୍ନ ଗାଁ ବୁଲିବା ସହ ଭୋଟ୍ ପାଇଁ ନିବେଦନ କରିଥିଲେ। ଏଥିରେ ବାସୁଆଘାଇ ପଞ୍ଚାୟତର ସରପଞ୍ଚ ପ୍ରାର୍ଥୀ ବିକ୍ରମ କେଶରୀ ସେଠୀ ଓ ସମିତି ସଭ୍ୟ ପ୍ରାର୍ଥୀ ରିଲା ଭଞ୍ଜ ମଧ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସଭା ସଦସ୍ୟ ମୁନା ଖାଁ, ପୂର୍ବତନ କର୍ପୋରେଟର ମହାମାୟା ସ୍ୱାଇଁ, ପୁଷ୍ପା ଦାଶ, ପୂର୍ବତନ ସମିତି ସଭ୍ୟ କୃତାର୍ଥ ପ୍ରଧାନ, ସାମାଜିକ କର୍ମୀ ବିଜୟ ପ୍ରଧାନ, ପୂର୍ବତନ ସରପଞ୍ଚ କୌଶଲ୍ୟା ଜେନା ପ୍ରମୁଖ ଉପସ୍ଥିତ ଥିଲେ।

### ଭାଜପାର ରୋଡ୍ ଶୋ'

ଭୁବନେଶ୍ୱର,୨୦।୨(ବ୍ୟୁରୋ): ଏକାମ୍ର ନିର୍ବାଚନ ମଣ୍ଡଳୀର ବିଭିନ୍ନ ଗ୍ରାମରେ ରବିବାର ୨୯ନମ୍ବର ଜୋନ ଭାଜପା ଜିଲା ପରିଷଦ ପ୍ରାର୍ଥୀ ସୁଜିତ କୁମାର ବଳବନ୍ତରାୟଙ୍କ ପାଇଁ ଭାଜପା ଭୁବନେଶ୍ୱର ସାଙ୍ଗଠନିକ ଜିଲା ସଭାପତି ବାବୁ ସିଂ ପ୍ରଚାର କରିଛନ୍ତି। ବିଭିନ୍ନ ପଞ୍ଚାୟତର ସ୍ଥାନୀୟ ଜନସାଧାରଣ ସ୍ୱାଗତ କରିଥିଲେ। ଘର ଘର ବୁଲି ଭାଜପା ସମର୍ଥିତ ପ୍ରାର୍ଥୀଙ୍କୁ ବିପୁଳ ଭୋଟରେ ବିଜୟୀ କରିବା ପାଇଁ ନିବେଦନ କରିଥିଲେ। ଏହି ପ୍ରଚାରରେ ଗ୍ରାମୀଣ ମଣ୍ଡଳ ସଭାପତି ଅରୁଣ ପୁରୋହିତଙ୍କ ସମେତ ସ୍ଥାନୀୟ ନେତା ଓ କର୍ମୀ ସାମିଲ ହୋଇଥିଲେ।


ରବିବାର ଅପରାହ୍ନରେ ଭୁବନେଶ୍ୱରରେ ହୋଇଥିବା ବର୍ଷା ସମୟର ଦୃଶ୍ୟ।


ଶିଶୁଭବନ ଛକରୁ ଏୟାରପୋର୍ଟ ରାସ୍ତାରେ ବର୍ଷା ପାଣିରେ ଲୋକେ ହନ୍ତସନ୍ତ ହେଉଛନ୍ତି।


ଜଣେ ସ୍କୁଟି ଚାଳକ ପାଣି ଫସି ରହିଛନ୍ତି।

# ବର୍ଷାପାଣିରେ ବୁଡ଼ିଲା ରାଜଧାନୀ ରାସ୍ତା

ଭୁବନେଶ୍ୱର, ୨୦।୨ (ବ୍ୟୁରୋ)

ସକାଳେ ପାଗ ସ୍ୱାଭାବିକ ଥିଲା। ହେଲେ ରବିବାର ଅପରାହ୍ନରେ ହଠାତ୍ ପ୍ରବଳ ବର୍ଷାରେ ରାଜଧାନୀର ରାସ୍ତାଘାଟ ବୁଡ଼ିଗଲା। ଅଧଘଣ୍ଟା ଧରି ସହରର ପ୍ରମୁଖ ରାସ୍ତାରେ ବି ଯାତାୟାତ ବାଧାପ୍ରାପ୍ତ ହେଲା। କେଉଁଠି ଆଣ୍ଠୁଏ ଉଚ୍ଚର ପାଣି ଚାଲିଲା, ତ ପୁଣି ଆଉ କେଉଁଠି ବର୍ଷା ପାଣି ନିଷ୍କାସିତ ହୋଇ ନ ପାରି ଡ୍ରେନ୍ ପାଣି ସହ ଘରେ ଓ ଦୋକାନରେ ପସିଲା। ଫଳରେ ବହୁ ସମୟ ଧରି ଲୋକେ ହନ୍ତସନ୍ତ ହୋଇଥିବା ଦେଖିବାକୁ ମିଳିଥିଲା। ବିଶେଷକରି ଶିଶୁଭବନ ଛକରୁ ଏୟାରପୋର୍ଟ ରାସ୍ତା, ଇସ୍କନ ମନ୍ଦିର ସମ୍ମୁଖ, ବମିଖାଲ ଆଦି ରାସ୍ତାରେ ପାଣିର ସୁଅ ନଦୀର ଭ୍ରମ ସୃଷ୍ଟି କରିଥିଲା।


ଇସ୍କନ ମନ୍ଦିର ସମ୍ମୁଖ ରାସ୍ତାରେ ବର୍ଷା ପାଣିର ସୁଅ।

ବର୍ଷା ପାଣିରେ ବହୁ ଗାଡିମୋଟର ଫସି ରହିଥିଲା। ଅନ୍ୟପକ୍ଷରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଧୀନ ୱାର୍ଡ ନଂ.୪୪ ଅନ୍ତର୍ଗତ ବଡ଼ଗଡ ଗାଁଠାରୁ ନେଇ ମେଘେଶ୍ୱର ମନ୍ଦିର ପର୍ଯ୍ୟନ୍ତ ଅଞ୍ଚଳ ଜଳାର୍ଣ୍ଣବ ହୋଇଯାଇଥିଲା। କିଛି ଡ୍ରେନ ଜବରଦଖଲ ଓ ଜାମ୍ ରହିଥିବାବେଳେ ଆଉ କିଛି ଦୁର୍ବଳ ଡ୍ରେନ (ମେଘେଶ୍ୱର ମନ୍ଦିର)ର କାନ୍ଥ ଭୁଶୁଡି ଯାଇଥିବା ଯୋଗୁ ଗାଁ ଦାଣ୍ଡରେ ବର୍ଷା ଓ ଡ୍ରେନ ପାଣି ଲହରି ଭାଙ୍ଗିଥିଲା। ବିଶେଷ କରି ବରଗଡ ଗାଁ ଓ ଏହାର ନିକଟବର୍ତ୍ତୀ କଲୋନୀ (ବ୍ରିଟ, ମେଘେଶ୍ୱର କଲୋନୀ ସହ କିଛି ତଳ ଅଞ୍ଚଳ) ର ବାସିନ୍ଦାଙ୍କ

## ହନ୍ତସନ୍ତ କଲା ଡ୍ରେନ୍ ପାଣି

ଘରେ ଡ୍ରେନ ପାଣି ପଶିଯାଇଥିଲା। ଏହାକୁ ନେଇ ସ୍ଥାନୀୟ ବାସିନ୍ଦା ଓ ଗାଁ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ସେମାନେ କହିଥିଲେ, ବିଏମ୍‌ସିର ଅଣଦେଖା ନୀତି ସହ ଗଙ୍ଗୁଆ ନାଳର ଅନେକ ସମସ୍ୟା କାରଣରୁ ସ୍ଥାନୀୟ ବାସିନ୍ଦା ପ୍ରତିବର୍ଷ ବର୍ଷାରେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସେହିଭଳି ବିଏମ୍‌ସି ଓ ପୂର୍ତ୍ତ ବିଭାଗ କୋଟି କୋଟି ଟଙ୍କାର ଡ୍ରେନେଜ କାର୍ଯ୍ୟ କରୁଥିଲେ ମଧ୍ୟ ଏଭଳି ସମସ୍ୟାର ସମାଧାନ ହେଉନାହିଁ।


ବଡ଼ଗଡ଼ ଅଞ୍ଚଳରେ ଡ୍ରେନ୍ ପାଣି ଘରେ ଓ ଦୋକାନରେ ପଶିଛି।



ପଞ୍ଚାନନ ଦାଶଙ୍କ ସ୍ମୃତି ପୁସ୍ତକ 'ଜୀବନ ଯେମିତି'କୁ ରବିବାର ଅତିଥିମାନେ ଭୁବନେଶ୍ୱରର ଏକ ହୋଟେଲରେ ଉନ୍ମୋଚନ କରୁଛନ୍ତି।

## ସ୍ମୃତିପୁସ୍ତକ 'ଜୀବନ ଯେମିତି' ଉନ୍ମୋଚିତ

ଭୁବନେଶ୍ୱର,୨୦।୨(ବ୍ୟୁରୋ)

ଉଦ୍ୟୋଗ ବିକାଶ ମଞ୍ଚର ଅଧ୍ୟକ୍ଷ ତଥା ପୂର୍ବତନ ଏମ୍‌ଏସ୍‌ଏମ୍‌ଇ ସଚିବ ପଞ୍ଚାନନ ଦାଶଙ୍କ ଜୀବନସ୍ମୃତି ପୁସ୍ତକ 'ଜୀବନ ଯେମିତି' ରବିବାର ସ୍ଥାନୀୟ ଏକ ହୋଟେଲ ପରିସରରେ ଉନ୍ମୋଚିତ ହୋଇଯାଇଛି। ପ୍ରକାଶନ ସଂସ୍ଥା ପେନ୍ ଇନ୍ ବୁକ୍ସ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ନିର୍ବାଚନ କମିଶନର ତଥା ପୂର୍ବତନ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀ ଯୋଗଦେଇ ଲେଖକଙ୍କ ସହ ତାଙ୍କ ବ୍ୟକ୍ତିଗତ ଅଭିଜ୍ଞତା ବଖାଣିବା ସହ ରାଜ୍ୟରେ ଏମ୍‌ଏସ୍‌ଏମଇ ବିକାଶ ଦିଗରେ ପଞ୍ଚାନନ ଦାଶଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ମୁଖ୍ୟବକ୍ତା ଭାବେ କବି ତଥା ଗଣଶିକ୍ଷା ବିଭାଗ ସଚିବ ବିଷ୍ଣୁପଦ ସେଠୀ ଯୋଗଦେଇ କହିଲେ, ଏଭଳି ପୁସ୍ତକର ଅଧିକରୁ ଅଧିକ ପୁସ୍ତକ ଆବଶ୍ୟକତା ରହିଛି। ଅଭିଜ୍ଞ ଓ ସଫଳ ବ୍ୟକ୍ତିଙ୍କ ଜୀବନ ଗାଥା ପରପିଢ଼ି ପାଇଁ ପ୍ରେରଣାଦାୟୀ ହେବ ବୋଲି ସେ କହିଥିଲେ। ଲେଖକ ଦାଶ ନିଜ ଚାକିରି ଜୀବନର ଅଭିଜ୍ଞତା ବଖାଣିବା ସହ ଅବସର ପରେ ରାଜ୍ୟରେ ଏମ୍‌ଏସ୍‌ଏମ୍‌ଇର ବିକାଶ ଦିଗରେ ତାଙ୍କ ଅନୁଷ୍ଠାନର ଭୂମିକା ସମ୍ପର୍କରେ କହିଥିଲେ। କଥାଶିଳ୍ପୀ ଶୁଭ୍ରାଂଶୁ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସରେ ଓରିକ୍ଲିନ୍ ପ୍ରାଇଭେଟ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଭାଲଚନ୍ଦ୍ର ମହାନ୍ତି ଓ ଭାରତୀୟ ଉଦ୍ୟୋଗୀ ଓ ଆର୍ଥିକ ଉପଭୋକ୍ତା ସଂଘ (ଇଫ୍‌କାଇ)ର କାର୍ଯ୍ୟକାରୀ ସଭାପତି ହରେନ୍ଦ୍ର ନାରାୟଣ ମହାପାତ୍ର ଓ ବାଣିଜ୍ୟ ମନ୍ତ୍ରଣାଳୟ ଅଧୀନ ଡେବ୍ଟ ରିକଭରୀ ଟ୍ରାଇବୁନାଲର ରେଜିଷ୍ଟ୍ରାର ସରୋଜ ରଥ ଅତିଥି ଭାବେ ଯୋଗଦେଇଥିଲେ।

## ଅନ୍ତର୍ଜାତୀୟ ଶିଶୁ କର୍କଟ ଦିବସ ଅବସରରେ ସାଇକ୍ଲୋଥନ୍

ଭୁବନେଶ୍ୱର, ୨୦।୨ (ବ୍ୟୁରୋ)

ଅନ୍ତର୍ଜାତୀୟ ଶିଶୁ କର୍କଟ ଦିବସ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍ (ବିଏସ୍‌ସିଏଲ୍) ଏବଂ କ୍ରିୟା ଫାଉଣ୍ଡେଶନ ପକ୍ଷରୁ ରବିବାର ଏକ ସାଇକ୍ଲୋଥନ୍ ଆୟୋଜିତ ହୋଇଯାଇଛି। ବିଏସ୍‌ସିଏଲର ଜେନେରାଲ ମ୍ୟାନେଜର କମଲଜିତ୍ ଦାସଙ୍କ ନିର୍ଦ୍ଦେଶରେ ଆୟୋଜିତ ଏହି ସାଇକ୍ଲୋଥନ୍‌ରେ ବହୁ ଯୁବପିଢୀ ଅଂଶଗ୍ରହଣ କରିଥିଲେ। ରକ୍ତ କର୍କଟ, ମସ୍ତିଷ୍କ ଓ କିଡ୍‌ନୀ ଟ୍ୟୁମର, ହାଡ଼ ଏବଂ ଆଖି କର୍କଟ ସବୁ ପିଲାଦିନର ସାଧାରଣ ରୋଗ। ସଚେତନତା ସୃଷ୍ଟି ସହ କର୍କଟ ପୀଡିତ ପିଲା ଓ ପରିବାରକୁ ସହାୟତା ଯୋଗାଇବା ପାଇଁ ବିଏସ୍‌ସିଏଲ୍ ଅନ୍ତର୍ଜାତୀୟ ଶିଶୁ କ୍ୟାନସର ଦିବସ ପଦକ୍ଷେପକୁ ସମର୍ଥନ କରିଛି ବୋଲି କମିଶନର ସଞ୍ଜୟ କୁମାର ସିଂହ କହିଥିଲେ। ପ୍ରତିବର୍ଷ ଫେବୃୟାରୀ ୧୫ରେ ଅନ୍ତର୍ଜାତୀୟ ଶିଶୁ କ୍ୟାନସର ଦିବସ (ଆଇସିସିଡି)କୁ ପାଳନ କରାଯାଇ ରୋଗର ଭୟାବହତା ଏବଂ ଏହାର ମୁକାବିଲା ପାଇଁ ସଚେତନତା ସୃଷ୍ଟି କରାଯାଏ। ଶିଶୁ କ୍ୟାନସର ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ଆକ୍ରାନ୍ତ ଶିଶୁ ଓ କିଶୋରଙ୍କୁ ପ୍ରେରଣା ପ୍ରଦାନ କରିବା ଏହି ଦିବସର ମୂଳ ଲକ୍ଷ୍ୟ। ଲ୍ୟୁକେମିଆସ, ମସ୍ତିଷ୍କ କର୍କଟ, ଲିମ୍ଫୋମା, କଠିନ ଟ୍ୟୁମର୍ ଯେପରିକି, ନ୍ୟୁରୋବ୍ଲାଷ୍ଟୋମା, ୱିଲ୍ମସ ଟ୍ୟୁମର୍ ଏବଂ ହାଡ ଟ୍ୟୁମର୍ ହେଉଛି ପିଲାଦିନର କୁପ୍ରଭାବର ପରିଣାମ। ତେଣୁ ଆମକୁ ସତର୍କ ରହିବା ସହ ରୋଗ ସମ୍ପର୍କରେ ସଚେତନ ରହିବା ଆବଶ୍ୟକ ବୋଲି ବାର୍ତ୍ତା ଦିଆଯାଇଥିଲା।

## ଭାଷା, ସାହିତ୍ୟ ସହଜ ଓ ବୋଧଗମ୍ୟ ହେବା ଉଚିତ

ଭୁବନେଶ୍ୱର,୨୦।୨(ବ୍ୟୁରୋ)

ଭାଷା ଓ ସାହିତ୍ୟ ସହଜ, ସରଳ ତଥା ବୋଧଗମ୍ୟ ହେବା ଉଚିତ। ଏହା ହେଲେ ସାଧାରଣ ପାଠକ ସହଜରେ ଗ୍ରହଣ କରିବା ସହିତ ମାତୃଭାଷା ସମୃଦ୍ଧ ହେବ। ଓଡ଼ିଆ ଭର୍ଚୁଆଲ ଏକାଡେମୀଠାରେ ରବିବାର ଅଷ୍ଟମ ଅନ୍ତର୍ଜାତୀୟ ମାତୃଭାଷା ସମ୍ମିଳନୀକୁ ଉଦ୍‌ଘାଟନ କରି ସାହିତ୍ୟିକ ପଦ୍ମଭୂଷଣ ଡ. ରମାକାନ୍ତ ରଥ ଏହା କହିଛନ୍ତି। ଓଡିଆ ବୁଦ୍ଧିଜୀବୀ ଫୋରମ ଦି ଇଣ୍ଟେଲେକ୍ଟସ ପକ୍ଷରୁ ଅଧ୍ୟକ୍ଷ ଦେବେନ୍ଦ୍ର ନାଥ ରାଉତଙ୍କ ଆବାହକତ୍ୱରେ ଆୟୋଜିତ ଏହି ସମ୍ମିଳନୀରେ ଚିନ୍ତକ ଡ. ଭଗବାନ ପ୍ରକାଶ, ଭାଷାବିତ୍ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ, ସାହିତ୍ୟିକ ତଥା ରାଜନେତା ପ୍ରସନ୍ନ ପାଟଶାଣୀ, କେନ୍ଦ୍ର ସାହିତ୍ୟ ଏକାଡେମୀ ଓଡ଼ିଆ ଭାଷାର ଆବାହକ ବିଜୟାନନ୍ଦ ସିଂ, ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେଶନ ସେଣ୍ଟରର ପ୍ରଭାରୀ ମଧୁମିତା ରାଉତ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ପ୍ରବୋଧ କୁମାର ରାଉତ ଯୋଗଦେଇ ଥିଲେ। ଏହି ଅବସରରେ ଓଡ଼ିଆ ସାହିତ୍ୟକୁ ଜୀବନବ୍ୟାପୀ ଅବଦାନ ପାଇଁ ଡ. ରଥଙ୍କୁ 'ଆମ ଗୌରବ ସମ୍ମାନ–୨୦୨୨' ପ୍ରଦାନ କରାଯାଇଥିଲା। ଏହି ମାତୃଭାଷା ମହାକୁମ୍ଭ ଦୁଇଦିନ ଧରି ପାଳନ କରାଯିବ। ସୋମବାର ଶେଷ ଦିନରେ ଓଡ଼ିଆ ଭାଷା ସହିତ ସମସ୍ତ ଭାରତୀୟ ଶାସ୍ତ୍ରୀୟ ଭାଷା ଓ ଲୋକପ୍ରିୟ ଭାଷାର ବିଶେଷଜ୍ଞମାନେ ଯୋଗଦେଇ ମାତୃଭାଷାର ବିଭିନ୍ନ ଦିଗ ବିଷୟରେ ଆଲୋଚନା କରିବେ। ଏଥିସହିତ ଓଡ଼ିଆ ଭାଷାକୁ ସମୃଦ୍ଧ କରିବା ପାଇଁ ବିଭିନ୍ନ କ୍ଷେତ୍ରରେ ବିଶେଷ ଅବଦାନ ରଖିଥିବା ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ମାନିତ କରାଯିବ ବୋଲି ଆବାହକ ରାଉତ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ୩୦ ଦେଶରୁ ବିଶିଷ୍ଟ ଓଡ଼ିଆ ବ୍ୟକ୍ତିତ୍ୱମାନେ ଯୋଗ ଦେଇଥିଲେ।

### ରମାକାନ୍ତ ରଥଙ୍କୁ 'ଆମ ଗୌରବ ସମ୍ମାନ'



## ପ୍ରକଳ୍ପ ବିଦ୍ୟାର ଶୁଭାରମ୍ଭ

ଭୁବନେଶ୍ୱର,୨୦।୨(ବ୍ୟୁରୋ)

ପଟିଆସ୍ଥିତ ରାଜା ମଧୁସୂଦନ ଦେବ ସ୍ନାତକ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ସାମାଜିକ ଅନୁଷ୍ଠାନ ସମ୍ବେଦନା, ସ୍ନେହା ଫାଉଣ୍ଡେଶନ ଏବଂ ମହାବିଦ୍ୟାଳୟର ମିଳିତ ଆନୁକୁଲ୍ୟରେ ରବିବାର 'ପ୍ରକଳ୍ପ ବିଦ୍ୟା'ର ଶୁଭାରମ୍ଭ ହୋଇଛି। ସମ୍ବେଦନାର ସମ୍ପାଦକ ଅଶୋକ କୁମାର ଗାଣ୍ଡିଆ ଅତିଥିଙ୍କୁ ଉପଢୌକନ ପ୍ରଦାନ ପୂର୍ବକ ସ୍ୱାଗତ କରିଥିଲେ। ସ୍ନେହା ଫାଉଣ୍ଡେଶନ ପ୍ରତିଷ୍ଠାତା ରାକେଶ ରଞ୍ଜନ ବିଶ୍ୱାଳ ଓ ସମ୍ବେଦନାର ଉପସଭାପତି କାମାକ୍ଷା ପ୍ରସାଦ ଦାଶ 'ପ୍ରକଳ୍ପ ବିଦ୍ୟା'ର ଲକ୍ଷ୍ୟ ଓ କାର୍ଯ୍ୟ ପ୍ରଣାଳୀ ଉପରେ କହିଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଶୀ ନୃତ୍ୟଗୁରୁ ନିତ୍ୟାନନ୍ଦ ଦାସ, ଯାତ୍ରା ଅଭିନେତା ଦୈତାରୀ ପଣ୍ଡା, ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ରାଉତ, ଅଧ୍ୟାପିକା ସ୍ୱାତୀ ପଟ୍ଟନାୟକ, ଭବାନୀପାଟଣା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଯଦୁନାଥ ପ୍ରଧାନ, ଉଚ୍ଚ ଶିକ୍ଷା ବିଭାଗର ପୂର୍ବତନ ସହ ନିର୍ଦ୍ଦେଶକ ତଥା ମୁଖ୍ୟ ଅତିଥି ଏସ୍. ଆର୍. ପରିଜା, ଆରଡୋର ଫୁଟବଲ୍ ଏକାଡେମୀର ପ୍ରତିଷ୍ଠାତା ଯେ. ଡି. ମହାପାତ୍ରଙ୍କ ଅଭିଭାଷଣ ସମସ୍ତଙ୍କୁ ପ୍ରେରଣା ଦେଇଥିଲା। ସମ୍ବେଦନାର ସଭାପତି ସୁଜାତା ପଶାୟତ ପ୍ରକଳ୍ପ ବିଦ୍ୟାର ସଫଳତା ପାଇଁ ସମସ୍ତଙ୍କ ସାହାଯ୍ୟ ଓ ସହଯୋଗ କାମନା କରିଥିଲେ। ସମ୍ବେଦନାର କାର୍ଯ୍ୟକାରୀ ସଦସ୍ୟ ଲଳିତ ନାରାୟଣ ରଥ ମହାବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର, ଅତିଥି, ଅଭିଭାବକ, ଗଣମାଧ୍ୟମ ପ୍ରତିନିଧିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।


ଖୋର୍ଦ୍ଧା ଜିଲା ୨୯ ନଂ. ଜୋନ୍ ଜିଲା ପରିଷଦ ବିଜେଡି ପ୍ରାର୍ଥୀ ସୁବାସ କୁମାର ସୁନ୍ଦରାୟଙ୍କ ପାଇଁ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ପ୍ରଚାର କରୁଛନ୍ତି।


୨୯ନମ୍ବର ଜୋନ ଭାଜପା ଜିଲା ପରିଷଦ ପ୍ରାର୍ଥୀ ସୁଜିତ କୁମାର ବଳବନ୍ତରାୟଙ୍କ ପାଇଁ ଭାଜପା ଭୁବନେଶ୍ୱର ସାଙ୍ଗଠନିକ ଜିଲା ସଭାପତି ବାବୁ ସିଂ ପ୍ରଚାର କରୁଛନ୍ତି।


୧୭ ନଂ ଜୋନ ବାଲିଅନ୍ତା ବ୍ଲକ୍ ବିଜେଡି ଜିଲାପରିଷଦ ସଭ୍ୟ କୁନ୍‌ମୁନ୍ ଲେଙ୍କାଙ୍କ ରୋଡ୍ ଶୋ'।

# ଗିରଫଦାରି, ବନ ବିଭାଗ କାର୍ଯ୍ୟକୁ ନେଇ ବଢୁଛି ସନ୍ଦେହ

ଭୁବନେଶ୍ୱର, ୨୦।୨(ବ୍ୟୁରୋ)

ଆଠଗଡ଼ ନରସିଂହପୁର ୱେଷ୍ଟ ରେଞ୍ଜ୍ ଅଧୀନ ବାରାସିଂଘା ବିଟ୍ ଅନ୍ତର୍ଗତ ଜଙ୍ଗଲରେ ପୋତା ଯାଇଥିବା ହାତୀର ଗଳିତ ମୃତଦେହ ଜବତ ଘଟଣାକୁ ଇତିମଧ୍ୟରେ ୧୧ଦିନ ବିତି ଯାଇଛି। ହେଲେ ଏଯାଏ କାହାକୁ ଗିରଫ କରାଯାଇନାହିଁ କି ଆଖିଦୃଶିଆ ପଦକ୍ଷେପ ନିଆଯାଇ ନାହିଁ। ବନ ବିଭାଗ ଜଣେ ଫରେଷ୍ଟ ଗାର୍ଡ ଓ ଜଣେ ଫରେଷ୍ଟରଙ୍କୁ ନିଲମ୍ବନ କରିଥିବାବେଳେ ନରସିଂହପୁର ୱେଷ୍ଟ ରେଞ୍ଜର ଜଣେ ରେଞ୍ଜର ମଧ୍ୟ ନିଲମ୍ବନ ହୋଇପାରନ୍ତି ବୋଲି ସୂଚନା ମିଳିଛି। ତେବେ କିଏ ଗିରଫ ହେବେ ବା କିଏ ଗିରଫ କରିବ, ସେନେଇ କୌଣସି ସ୍ପଷ୍ଟ ତଥ୍ୟ ମିଳିପାରି ନ ଥିଲେ ମଧ୍ୟ ଏହାକୁ ନେଇ ବିଭାଗୀୟ ମହଲରେ ଚର୍ଚ୍ଚା ଜୋର୍ ଧରିଛି।

ହାତୀକୁ ମାରିବା, ଦାନ୍ତ କାଟି ନେବା ପରେ ପୋଡ଼ିଦେବା, ପୁଣି ଜେସିବିରେ ମାଟିଖୋଳି ପୋତି ଦେବା ଘଟଣା ଅତି ଗୁରୁତର ମାମଲା। ଆଗରୁ ଏଭଳି ମାମଲା ଅନ୍ୟ କେଉଁ ସ୍ଥାନରେ ଲୁଚି ଥାଇପାରେ, ହେଲେ ସାମନାକୁ ଆସିଥିବା ଏହି ଘଟଣା ସମ୍ଭବତଃ ରାଜ୍ୟରେ ପ୍ରଥମ। ଯଦିଓ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ହାତୀର ଗଳିତ ମୃତଦେହକୁ ଖୋଳି ବାହାର କରିଥିଲା, କିନ୍ତୁ ବାରାସିଂଘା ବିଟ୍‌ରେ କାମ କରୁଥିବା କୌଣସି ସ୍ଥାୟୀ କର୍ମଚାରୀ ବା ଫରେଷ୍ଟ ୱାଚରଙ୍କୁ ଏଯାଏ ଜେରା କରିନାହିଁ। ଏସ୍‌ଟିଏଫ୍ ପାଖରେ କ୍ଷମତା ଅଛି ଯେ, ଏହି ସମ୍ବେଦନଶୀଳ ମାମଲାରେ ବାରାସିଂଘା ବିଟ୍‌ରେ କାମ କରୁଥିବା ୱାଚର, ଫରେଷ୍ଟ ଗାର୍ଡ, ଫରେଷ୍ଟର, ରେଞ୍ଜର ଓ ଆଠଗଡ଼ ଡିଏଫ୍‌ଓଙ୍କୁ ଗିରଫ କରିପାରିଥାନ୍ତେ। ଏହି ମାମଲାରେ କେବଳ ବନ୍ୟପ୍ରାଣୀ ଆଇନର ଦଫା ଲାଗିବ ତାହା ନୁହେଁ, ବରଂ ତା' ସହିତ ସରକାରୀ କର୍ମଚାରୀ ହିସାବରେ କର୍ତ୍ତବ୍ୟରେ ଅବହେଳା, ପ୍ରମାଣ ନଷ୍ଟ ଭଳି ଦଫା ମଧ୍ୟ ଲାଗିବ। ଅନେକ ଲୋକ ମିଶି ଆପରାଧିକ ଷଡ଼ଯନ୍ତ୍ର କରି ଏହି ହାତୀ ମୃତ୍ୟୁକୁ ଲୁଚେଇ ଦାନ୍ତ କାଟି ନେଇଥିବାରୁ ଅର୍ଗାନାଇଜଡ୍ କ୍ରାଇମ୍ ୧୨୦ବି ଭଳି ସଙ୍ଗିନ ଦଫା ମଧ୍ୟ ଲାଗିବ। ହେଲେ ଏଭଳି ଏକ ସଙ୍ଗିନ ଆପରାଧିକ ମାମଲାକୁ ଠିକ୍‌ରେ ପରିଚାଳନା କରାଯାଉନାହିଁ ବୋଲି ବନ୍ୟପ୍ରାଣୀ ବିଶେଷଜ୍ଞମାନେ ସନ୍ଦେହ ପ୍ରକାଶ କଲେଣି।

### ମାଟିତଳୁ ହାତୀର ଗଳିତ ମୃତଦେହ ଜବତ ଘଟଣା



କାରଣ ବାରାସିଂଘା ବିଟ୍‌ରେ ୫ଜଣ ୱାଚର (କେତେଜଣ ପୂର୍ବତନ) ଡିଏଫ୍‌ଓଙ୍କ ତଦନ୍ତରେ ସ୍ୱୀକାରୋକ୍ତି ଦେଇଛନ୍ତି। ଜଣେ ଗାର୍ଡ ଓ ଜଣେ ଫରେଷ୍ଟର ନିଲମ୍ବିତ ହେବା ଘଟଣାରୁ ମଧ୍ୟ ସେମାନଙ୍କର ସମ୍ପୃକ୍ତି ଥିବା ପ୍ରମାଣିତ କରୁଛି। ତଥାପି ସେମାନଙ୍କୁ କାହିଁକି ଗିରଫ କରାଯାଉନାହିଁ, ତାହା ସନ୍ଦେହ ସୃଷ୍ଟି କରୁଛି। ନରସିଂହପୁର ୱେଷ୍ଟ ରେଞ୍ଜରଙ୍କ ସମ୍ପୃକ୍ତି ଥିବା ନେଇ ଉଭୟ ଡିଏଫ୍‌ଓ ଓ ଆର୍‌ସିସିଏଫ୍ ନିଜ ରିପୋର୍ଟରେ ଲେଖିଥିବା ସୂଚନା ମିଳିଛି। ତେଣୁ ରେଞ୍ଜରଙ୍କ ଗିରଫଦାରି ନିହାତି ଆବଶ୍ୟକ ବୋଲି ବନ୍ୟପ୍ରାଣୀ ବିଶେଷଜ୍ଞ କହୁଛନ୍ତି।

ଅନ୍ୟପକ୍ଷରେ ହାତୀ ମୃତ୍ୟୁ ସମୟ ଏବେ ସବୁଠାରୁ ଅଧିକ ସମ୍ବେଦନଶୀଳ ପ୍ରସଙ୍ଗ ହୋଇଛି। କାରଣ ସେହି ସମୟ ଅନୁସାରେ ମାମଲା ପରିଚାଳନା ହେବ। ନିକଟରେ ନରସିଂହପୁର ୱେଷ୍ଟ ରେଞ୍ଜର ଅଶୋକ ବେହେରାଙ୍କର ଚନ୍ଦକା ରେଞ୍ଜକୁ ବଦଳି ହୋଇସାରିଛି। ତାଙ୍କ ସ୍ଥାନରେ ନୂଆ କରି ଯୋଗ ଦେଇଛନ୍ତି ପ୍ରଫୁଲ୍ଲ କୁମାର ଦେହୁରୀ। ସେହିପରି ଆଠଗଡ ଡିଏଫ୍‌ଓ ସୁଦର୍ଶନ ପାଲ ଯାଦବ ଟ୍ରେନିଂ ପାଇଁ ଛୁଟିରେ ଯାଇଥିବାରୁ କଟକ ଡିଏଫ୍‌ଓ ସଞ୍ଜୟ ସ୍ୱାଇଁଙ୍କୁ ଆଠଗଡ଼ ଚାର୍ଜ ମଧ୍ୟ ଦିଆଯାଇଛି। ସୁଦର୍ଶନଙ୍କ ପୂର୍ବରୁ ସସ୍ମିତା ଲେଙ୍କା ଆଠଗଡ଼ ଡିଏଫ୍‌ଓ ଭାବେ ଦୀର୍ଘ ଦିନ କାମ କରୁଥିଲେ। ତାଙ୍କ ସମୟର ଏକ ହାତୀ ମୃତ୍ୟୁକୁ ଲୁଚାଇବା ଘଟଣାରେ ଆଠଗଡ଼ ରେଞ୍ଜର ଆୟେଶା ଅଖତାରି ବେଗମ ଏବେ ନିଲମ୍ବିତ ଅଛନ୍ତି। ଡିଏଫ୍‌ଓଙ୍କୁ ହାତୀ ମୃତ୍ୟୁ ନେଇ ସବୁ ରିପୋର୍ଟ ହାତେ ହାତେ ଦେଇଥିଲେ ବୋଲି ରେଞ୍ଜର କହିଥିଲେ, ଯାହାକୁ ସମ୍ପୂର୍ଣ୍ଣ ମିଛ ବୋଲି ସସ୍ମିତା କହିଥିଲେ। ସେତେବେଳେ ଏହି ଘଟଣା ଚର୍ଚ୍ଚା ହେଇଥିଲା। ତେଣୁ ବ୍ୟବଚ୍ଛେଦ ରିପୋର୍ଟରେ ହାତୀର ମୃତ୍ୟୁ କେଉଁ ସମୟରେ ହୋଇଥିଲା, ସେ ତଥ୍ୟ ଉପରେ ସମସ୍ତଙ୍କ ନଜର। ସେଇ ରିପୋର୍ଟକୁ ଭିତ୍ତି କରି ହୁଏତ ଏସ୍‌ଟିଏଫ୍ ତା'ର ଗିରଫଦାରି ଆରମ୍ଭ କରିପାରେ ବୋଲି ସୂଚନା ମିଳୁଛି।


































# ୨୨ରୁ 'ବିଜ୍ଞାନ ସର୍ବତ୍ର ପୂଜ୍ୟତେ' ଅଭିଯାନ

ଭୁବନେଶ୍ୱର, ୨୦।୨(ବ୍ୟୁରୋ)

ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଅବସରରେ 'ଆଜାଦୀ କା ଅମୃତ ମହୋତ୍ସବ' ଅନ୍ତର୍ଭୁକ୍ତ 'ବିଜ୍ଞାନ ସର୍ବତ୍ର ପୂଜ୍ୟତେ' ଅଭିଯାନ ଦେଶର ୭୫ଟି ସ୍ଥାନରେ ପାଳିତ ହେଉଛି। ଏହି ପରିପ୍ରେକ୍ଷୀରେ ରାଜ୍ୟରେ ବିଜ୍ଞାନ ଓ କାରିଗରି ବିଭାଗ ପକ୍ଷରୁ ଆସନ୍ତା ୨୨ରୁ ୨୮ ତାରିଖ ପର୍ଯ୍ୟନ୍ତ ଏହି ଅଭିଯାନ ପାଳିତ ହେବ। ଓଡ଼ିଶା ବିଜ୍ଞାନ ଏକାଡେମୀ, ଭୁବନେଶ୍ୱର ସିଟି ନଲେଜ୍ ଇନୋଭେଶନ୍ କ୍ଲଷ୍ଟର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର ଓ 'କିଟ୍'ର ମିଳିତ ଆନୁକୂଲ୍ୟରେ ପ୍ରଖ୍ୟାତ ଗବେଷକ, ବିଜ୍ଞାନୀ, ଉଦ୍ୟୋଗୀ ଓ ଚିନ୍ତାନାୟକଙ୍କୁ ନେଇ ବିଭିନ୍ନ ପ୍ରସଙ୍ଗରେ ବକ୍ତୃତା, ଦଳଗତ ଆଲୋଚନା, ପ୍ରଦର୍ଶନୀ ଆଦି କାର୍ଯ୍ୟକ୍ରମ ରହିଛି। ଏହା ସହିତ ବିଜ୍ଞାନ ଓ କାରିଗରି ଶିକ୍ଷଣ ସମ୍ପର୍କରେ ସାମାଜିକ ଓ ଶୈକ୍ଷିକ ବିକାଶକୁ ଦୃଷ୍ଟିରେ ରଖି ମତବିନିମୟ, ପ୍ରକଳ୍ପ ପ୍ରଦର୍ଶନ ଓ ଅଭିନବ ଚିନ୍ତାଧାରା ସମ୍ପର୍କିତ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କୁ ଯୋଗଦେବା ପାଇଁ ସୁଯୋଗ ଦିଆଯିବ। ବିଶେଷ କରି ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର ମାଧ୍ୟମରେ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯାଉଛି। ଆଇଟିଆର୍, ଡିଆର୍‌ଡିଓ, ଇସ୍ରୋ ଓ ଓଡ଼ିଶା ସ୍ପେସ୍ ଆପ୍ଲିକେଶନ ସେଣ୍ଟର ତଥା ନ୍ୟାଶନାଲ ଇନୋଭେଶନ ଫାଉଣ୍ଡେଶନ ପକ୍ଷରୁ ବିଭିନ୍ନ ପ୍ରଦର୍ଶନୀ ବ୍ୟବସ୍ଥା କରାଯାଇଛି। ୨୭ ଓ ୨୮ ତାରିଖରେ ଇସ୍ରୋ ପକ୍ଷରୁ ଏକ ଭ୍ରାମ୍ୟମାଣ ବସ୍‌ରେ ପ୍ରଦର୍ଶନୀ କରାଯିବ। ଏଥିରେ 'ସ୍ପେସ୍ ଅନ୍ ହୁଇଲ୍‌ସ'ମାଧ୍ୟମରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ନିମନ୍ତେ ମହାକାଶ ଗବେଷଣା ଉପରେ ସଫଳ କାହାଣୀ ଉପସ୍ଥାପିତ ହେବ। ଏଥିସହ ଇସ୍ରୋ ଦ୍ୱାରା ଉତ୍କ୍ଷେପିତ ବିଭିନ୍ନ ଯାନ, ମହାକାଶଯାନ ତଥା ଚଳଚ୍ଚିତ୍ର ପ୍ରଦର୍ଶନ କରାଯିବ। ଏହା ବ୍ୟତୀତ ବାୟୋମଲିକୁଲାର ଓ ଏମ୍ବ୍ରିଓ ଉପରେ ପରୀକ୍ଷାମୂଳକ ଶିକ୍ଷଣ କେନ୍ଦ୍ରର ଯୋଜନା ରହିଛି। ଏସବୁ କାର୍ଯ୍ୟକ୍ରମ ୨୨ ତାରିଖ ଅପରାହ୍ନରୁ ୨୮ ତାରିଖ ପୂର୍ବାହ୍ନ ପର୍ଯ୍ୟନ୍ତ 'କିଟ୍ ଇଣ୍ଟରନ୍ୟାଶନାଲ୍ ସ୍କୁଲ' ପରିସରରେ ଅନୁଷ୍ଠିତ ହେବ। ରାଜ୍ୟରେ ବିଜ୍ଞାନ ଶିକ୍ଷାର ଲୋକପ୍ରିୟତା ଓ ମହତ୍ତ୍ୱ ବୃଦ୍ଧି ଉଦ୍ଦେଶ୍ୟରେ ଛାତ୍ରୀଛାତ୍ରମାନେ ଏସବୁ କାର୍ଯ୍ୟକ୍ରମରେ ବ୍ୟାପକ ଭାବରେ ଅଂଶଗ୍ରହଣ କରିବାକୁ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି।

# ଉପକୂଳରୁ ଆଭ୍ୟନ୍ତର ବର୍ଷିଲା

ଭୁବନେଶ୍ୱର, ୨୦।୨(ବ୍ୟୁରୋ)

ପଶ୍ଚିମାଝଡ଼ ପ୍ରଭାବରେ ରବିବାର ରାଜ୍ୟର ବିଭିନ୍ନ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହୋଇଛି। ଉପକୂଳରୁ ଆଭ୍ୟନ୍ତର ପର୍ଯ୍ୟନ୍ତ ଅନେକ ସ୍ଥାନରେ ବର୍ଷା ହୋଇଥିବା ଜଣାପଡ଼ିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ରବିବାର ସନ୍ଧ୍ୟା ୬ଟା ବୁଲେଟିନ୍ ଅନୁସାରେ, ଚାନ୍ଦବାଲିରେ ୧୦.୨ ମିମି ବର୍ଷା ରେକର୍ଡ କରାଯାଇଥିବାବେଳେ ଭୁବନେଶ୍ୱରରେ ୧୦ ମିମି ଓ କଟକରେ ୯ ମିମି ବର୍ଷା ରେକର୍ଡ କରାଯାଇଛି। ସେହିଭଳି ଅନୁଗୋଳ, ବାରିପଦା, ଝାରସୁଗୁଡ଼ା, ହୀରାକୁଦ, ଯାଜପୁରର କିଛି ଅଞ୍ଚଳରେ ବର୍ଷା ହୋଇଛି। ତେବେ ସୋମବାରଠାରୁ ରାଜ୍ୟରେ ପାଗ ଶୁଖିଲା ରହିବ। କିନ୍ତୁ ପଶ୍ଚିମାଝଡ଼ ପ୍ରଭାବରେ ୨୪ରୁ ପୁଣି ବର୍ଷା ଆରମ୍ଭ ହେବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ୨୪ରେ ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜରେ ବର୍ଷା ହେବାର ସମ୍ଭାବନା ରହିଛି। ତେବେ ଆସନ୍ତା ଦୁଇଦିନ ଭିତରେ ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶାରେ ରାତ୍ରି ତାପମାତ୍ରା ୩ ରୁ ୪ ଡିଗ୍ରୀ କମିବାର ଆଶଙ୍କା ରହିଛି। ଏହାପରେ ୨-୩ଦିନ ପର୍ଯ୍ୟନ୍ତ ତାପମାତ୍ରା ୩ରୁ ୪ ଡିଗ୍ରୀ ବଢ଼ିବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।



















Your classified advertisement published in Dharitri will be listed free in Dharitri online edition : www.dharitri. com






## ଆଜି କ'ଣ କେଉଁଠି

ବୋଲଗଡ଼
- ବଳଦୁର୍ଗ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ଗବେଷଣା ପରିଷଦ ପକ୍ଷରୁ ବିଶ୍ୱ ମାତୃଭାଷା ଦିବସ ପାଳନ ଓ କବିତା ପାଠୋତ୍ସବ, ଅବସରପ୍ରାପ୍ତ କର୍ମଚାରୀ ଭବନ, ପୂର୍ବାହ୍ନ ୧୧ଟା।

# ଭୋଟ୍ ବାକ୍ସରେ ପ୍ରାର୍ଥୀଙ୍କ ଭାଗ୍ୟ ସିଲ୍

**ଖୋର୍ଦ୍ଧା ଅଫିସ/ବାଲୁଗାଁ, ୨୦।୨ (ଡି.ଏନ୍.ଏ.)**

- ଶାନ୍ତିଶୃଙ୍ଖଳାରେ ସରିଲା ତୃତୀୟ ପର୍ଯ୍ୟାୟ ମତଦାନ
- ଚିଲିକାରେ ୭୩.୩୮, ଖୋର୍ଦ୍ଧା ବ୍ଲକରେ ୭୯.୫୯% ମତଦାନ

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ତୃତୀୟ ପର୍ଯ୍ୟାୟରେ ରବିବାର ଖୋର୍ଦ୍ଧା ଜିଲା ଚିଲିକା ଓ ଖୋର୍ଦ୍ଧା ବ୍ଲକରେ ଭୋଟ ଗ୍ରହଣ ଶେଷ ହୋଇଛି। କାଁ ଭାଁ ବିଶୃଙ୍ଖଳାକୁ ବାଦ୍ ଦେଲେ ମତଦାନ ଶାନ୍ତିଶୃଙ୍ଖଳାର ସହ ସରିଛି। ଚିଲିକା ବ୍ଲକରେ ୭୩.୩୮ଏବଂ ଖୋର୍ଦ୍ଧା ବ୍ଲକରେ ୭୯.୫୯ ପ୍ରତିଶତ ମତଦାନ ହୋଇଛି। ଚିଲିକା ବ୍ଲକର ୩ ଜିଲା ପରିଷଦ, ୧୭ ଗ୍ରାମ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଓ ୨୨୫ ୱାର୍ଡମେମ୍ବର ଆସନ ଏବଂ ଖୋର୍ଦ୍ଧା ବ୍ଲକର ୩ ଜିଲା ପରିଷଦ, ୨୨ ଗ୍ରାମପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଓ ୩୨୫ ୱାର୍ଡମେମ୍ବର ଆସନ ପାଇଁ ମତଦାନ ହୋଇଥିଲା। ସକାଳ ୭ରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ମତଦାନ ହୋଇଥିଲା। କିଛି ବୁଥ୍‌ରେ ଭୋଟର ଅଧିକ ଥିବାରୁ ବିଳମ୍ବିତ ସମୟ ପର୍ଯ୍ୟନ୍ତ ମତଦାନ ଚାଲିଥିଲା। ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଖୋର୍ଦ୍ଧା ବ୍ଲକର ପଲ୍ଲା, ତୋଟାପଡ଼ା, ତରତୁଆ, ପୁରୁସାହି ଓ କୁରାଡମଲ୍ଲ ପଞ୍ଚାୟତର ଏକାଧିକ ବୁଥ୍ ପରିଦର୍ଶନ କରିଥିଲେ। ଜିଲାପାଳଙ୍କ ସହିତ ବିଡିଓ ରୁମାନା ଜାଫ୍ରି, ତହସିଲଦାର ଇପ୍‌ସିତ ସାହୁ, ଥାନାଧିକାରୀ ସଞ୍ଜୟ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପଟେ ଅତିରିକ୍ତ ଜିଲାପାଳ ମନୋଜ ପାଢୀ ପଲ୍ଲା, କାଇପଦର ପ୍ରଭୃତି ବୁଥ୍ ବୁଲି ଦେଖିଥିଲେ। ମତଦାନ ଶେଷ ପରେ ଭୋଟ ବାକ୍ସଗୁଡ଼ିକୁ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଅଣାଯାଇ ବ୍ଲକ କାର୍ଯ୍ୟାଳୟ ଷ୍ଟ୍ରଙ୍ଗରୁମ୍‌ରେ ରଖାଯାଇଛି। ଷ୍ଟ୍ରଙ୍ଗରୁମକୁ ପୋଲିସ ଜଗି ରହିଛି। ଜିଲାପାଳ କହିଛନ୍ତି, ତୃତୀୟ ପର୍ଯ୍ୟାୟ ମତଦାନ ଶାନ୍ତି ଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଛି। ଖୋର୍ଦ୍ଧାରେ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟରେ ମତଦାନ ହାର ଭଲ ରହିଛି। ୪ର୍ଥ ପର୍ଯ୍ୟାୟ ମତଦାନ ପାଇଁ ସମସ୍ତ ପ୍ରସ୍ତୁତି ସରିଛି।


ମତଦାନ ପରେ ଜଣେ ମହିଳା ବାଲାଟ ପେପରକୁ ବକ୍ସରେ ପକାଉଛନ୍ତି।

## କାର୍-ବାଇକ୍ ମୁହାଁମୁହିଁ ଧକ୍କା, ଜଣେ ଗୁରୁତର

**ବୋଲଗଡ଼,୨୦।୨(ଡି.ଏନ୍.ଏ.):** ବୋଲଗଡ଼ ବ୍ଲକ ଅନ୍ତର୍ଗତ ୫୭ନମ୍ବର ବଲାଙ୍ଗୀର- ଖୋର୍ଦ୍ଧା ଜାତୀୟ ରାଜପଥର ଚୁଡ଼ା ବଜାର ଛକ ନିକଟରେ ରବିବାର ସନ୍ଧ୍ୟାରେ କାର୍-ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ବାଇକ୍ ଚାଳକ ଗୁରୁତର ଆହତ ହୋଇଛନ୍ତି। ଗୁରୁତରଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱରର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ବୋଲଗଡ଼ ଥାନା ଅଧୀନ ଶ୍ୟାମସୁନ୍ଦରପୁର ଗ୍ରାମର ସୁଦର୍ଶନ ବେହେରା ଓ ତାଙ୍କର ଜଣେ ସମ୍ପର୍କୀୟ ହେମନ୍ତ ନାୟକଙ୍କ ସହ ବାଇକ୍‌ରେ ରାଜସୁନାଖଳାରୁ ବୋଲଗଡ଼ ଅଭିମୁଖେ ଆସୁଥିଲେ। ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ଏକ କାର୍ ସହ ଚୁଡ଼ା ବଜାର ଛକରେ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ବାଇକ୍ ଚାଳକ ସୁଦର୍ଶନ ଓ ହେମନ୍ତ ଆହତ ହୋଇଥିଲେ। ଖବରପାଇ ବୋଲଗଡ଼ ଅଗ୍ନିଶମ କର୍ମଚାରୀ ପହଞ୍ଚି ଆହତଦ୍ୱୟଙ୍କୁ ବୋଲଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସୁଦର୍ଶନଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ଭୁବନେଶ୍ୱରର ଏକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ବୋଲଗଡ଼ ଥାନା ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ଦୁଇ ଗାଡ଼ିକୁ ଜବତ କରି ତଦନ୍ତ ଚଳାଇଛି।

## ରାଜବୀରଙ୍କ ଚିକିତ୍ସା ପାଇଁ ସହାୟତା ମାଗିଲେ ଛାତ୍ର

**କୃଷ୍ଣପ୍ରସାଦ,୨୦।୨(ଡି.ଏନ୍.ଏ.):** ଫୁଲବାଣୀ ଜିଲା କନ୍ଧମାଳ ଆମ୍ବାପଡା ଗ୍ରାମର୧ବର୍ଷ ୮ମାସର ରାଜବୀର ରଣାଙ୍କ ଚିକିତ୍ସା ପାଇଁ ରାଜ୍ୟର କୋଣ ଅନୁକୋଣରୁ ଆସୁଛି ସହାୟତା। ବିଭିନ୍ନ ସଙ୍ଗଠନ ପକ୍ଷରୁ ଅର୍ଥ ସଂଗ୍ରହ କାର୍ଯ୍ୟ ଜାରି ରହିଥିବା ବେଳେ ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଗୋମୁଣ୍ଡିଆ ପଞ୍ଚାୟତର କେତେଜଣ ପ୍ରାଥମିକ ଛାତ୍ର ସହାୟତା ପାଇଁ ଅଣ୍ଟା ଭିଡ଼ିଛନ୍ତି। ରବିବାର କେତେଜଣ ଛାତ୍ର ରାଜବୀରଙ୍କ ଚିକିତ୍ସା ପାଇଁ ସହାୟତା ଦେବାକୁ ରାସ୍ତା ଉପରେ ପଥଚାରୀଙ୍କୁ ନିବେଦନ କରିଥିଲେ। ପ୍ରକାଶ ନାୟକ, ସମରଜିତ୍ ପଣ୍ଡା, ପ୍ରସନଜିତ୍ ଜେନା, ରୁଦ୍ର ପ୍ରସାଦ ନାୟକ, ଶକ୍ତି ପ୍ରସାଦ ଜେନା, ରିତେଶ ନାୟକ ପ୍ରମୁଖ ସାମିଲ ହୋଇଥିଲେ। ସଂଗୃହୀତ ଅର୍ଥ ରାଜବୀରଙ୍କ ମ'ଙ୍କ ନିକଟକୁ ପଠାଯିବ ବୋଲି ଅଂଶୁମାନ ଜେନା କହିଛନ୍ତି।

## ବିଶ୍ୱଶାନ୍ତି ମହାଯଜ୍ଞ

**କୃଷ୍ଣପ୍ରସାଦ,୨୦।୨(ଡି.ଏନ୍.ଏ.):** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଧୀନ ମର୍ଦ୍ଦରାଜପୁର ଗ୍ରାମସ୍ଥିତ ମା' ଚଣ୍ଡୀ ଠାକୁରାଣୀଙ୍କ ୩୬ତମ ବାର୍ଷିକ ଉତ୍ସବ କୋଭିଡ୍ କଟକଣା ମଧ୍ୟରେ ଅନୁଷ୍ଠିତ ହେଉଛି। ଏହି ଅବସରରେ ଶନିବାର ଠାରୁ ବିଶ୍ୱଶାନ୍ତି ମହାଯଜ୍ଞ ଆୟୋଜନ କରାଯାଇଛି। ନାମଯଜ୍ଞ, ଘୃତଯଜ୍ଞ, ଅନ୍ନଯଜ୍ଞ ସହିତ ପ୍ରତ୍ୟେହ ସନ୍ଧ୍ୟାରେ ଅଞ୍ଚଳର ପାଇକ ଆଖଡା ଗୁରୁ ଭୋବନୀ ବିଶ୍ୱାଳଙ୍କ ନେତୃତ୍ୱରେ ସମରକଳା ପଦର୍ଶନ କରାଯାଉଛି। ପୂଜାର୍ଚ୍ଚନା ପାଇଁ ପଣ୍ଡିତ ବସନ୍ତ ପତିଙ୍କ ତତ୍ତ୍ୱାବଧାନରେ ୫ଜଣ ବ୍ରାହ୍ମଣ ନିୟୋଜିତ ହୋଇଛନ୍ତି। ଯଜ୍ଞରେ କର୍ତ୍ତାଭାବେ କେଶବ ବିଶ୍ୱାଳ, କନକ ବିଶ୍ୱାଳ ଯୋଗଦେଇଛନ୍ତି। ମର୍ଦ୍ଦରାଜପୁର ଗ୍ରାମ୍ୟ କମିଟି ସଭାପତି ଫକୀର ନାୟକ,ସମ୍ପାଦକ ବ୍ରଜ କିଶୋର ପଲେଇ, ପୂର୍ଣ୍ଣ ବିଶ୍ୱାଳ, ପବନା ବିଶ୍ୱାଳ, ସନାତନ ନାୟକ, ଆର୍ତ୍ତତ୍ରାଣ ବିଶ୍ୱାଳ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରୁଛନ୍ତି।

## ଭାଷା ସଂସ୍କୃତି ସମାଜର ମାସିକ ଆଲୋଚନାଚକ୍ର, କବିତା ପାଠ

**ଭୁବନେଶ୍ୱର,୨୦।୨(ବ୍ୟୁରୋ):** ସାହିତ୍ୟାନୁଷ୍ଠାନ ଭାଷା ସଂସ୍କୃତି ସମାଜର ଫେବୃୟାରୀ ମାସ ଆଲୋଚନାଚକ୍ର ଓ କବିତା ପାଠ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ନିକୋ ପାର୍କ ନିକଟ ସୁନଦେଇ ମନ୍ଦିର ସଭା ଗୃହରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଉପଦେଷ୍ଟା ଆଇନଜୀବି ନଟବର ମହାନ୍ତି ସଭାପତିତ୍ୱ କରିଥିଲେ। 'ଓଡ଼ିଆ କବିତା : ଭାଷା ଓ ଶବ୍ଦର ପ୍ରୟୋଗ' ବିଷୟରେ ଆଲୋଚନା କରାଯାଇଥିଲା। ଭାଷା ଓ ଗବେଷଣାବିତ୍ ସୀମାଞ୍ଚଳ ପଣ୍ଡା ଆଲୋଚକ ଭାବେ ଯୋଗ ଦେଇଥିଲେ। ଏହି ଅବସରରେ କବିତା ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଯୋଗେନ୍ଦ୍ର କୁମାର ନାୟକ, କସ୍ତୁରି ଚରଣ ଦାସ, ବିଦ୍ୟାଧର ଗୁରୁ, ପ୍ରଶାନ୍ତ ପାଇକରାୟ, ଶରତ ସାହୁ, ଇତିଶ୍ରୀ ପତି ପ୍ରମୁଖ ୫୦ରୁ ଉର୍ଦ୍ଧ୍ୱ କବୟିତ୍ରୀ ଓ କବି ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ।

# ଭାଷା, ସାହିତ୍ୟ ସହଜ ବୋଧଗମ୍ୟ ହେବା ଉଚିତ

**ଭୁବନେଶ୍ୱର,୨୦।୨(ବ୍ୟୁରୋ)**

ଭାଷା ଓ ସାହିତ୍ୟ ସହଜ, ସରଳ ତଥା ବୋଧଗମ୍ୟ ହେବା ଉଚିତ। ଏହା ହେଲେ ସାଧାରଣ ପାଠକ ସହଜରେ ଗ୍ରହଣ କରିବା ସହିତ ମାତୃଭାଷା ସମୃଦ୍ଧ ହେବ। ଓଡ଼ିଆ ଭର୍ଚୁଆଲ ଏକାଡେମୀଠାରେ ରବିବାର ଅଷ୍ଟମ ଅନ୍ତର୍ଜାତୀୟ ମାତୃଭାଷା ସମ୍ମିଳନୀକୁ ଉଦ୍‌ଘାଟନ କରି ସାହିତ୍ୟିକ ପଦ୍ମଭୂଷଣ ଡ. ରମାକାନ୍ତ ରଥ ଏହା କହିଛନ୍ତି। ଓଡିଆ ବୁଦ୍ଧିଜୀବୀ ଫୋରମ ଦି ଇଣ୍ଟେଲେକ୍ଟସ ପକ୍ଷରୁ ଅଧକ୍ଷ ଦେବେନ୍ଦ୍ର ନାଥ ରାଉତଙ୍କ ଆବାହକତ୍ୱରେ ଆୟୋଜିତ ଏହି ସମ୍ମିଳନୀରେ ଚିନ୍ତକ ଡ. ଭଗବାନ ପ୍ରକାଶ, ଭାଷାବିତ୍ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ, ସାହିତ୍ୟିକ ତଥା ରାଜନେତା ପ୍ରସନ୍ନ ପାଟଶାଣୀ, କେନ୍ଦ୍ର ସାହିତ୍ୟ ଏକାଡେମୀ ଓଡ଼ିଆ ଭାଷାର ଆବାହକ ବିଜୟାନନ୍ଦ ସିଂ, ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେଶନ ସେଣ୍ଟରର ପ୍ରଭାରୀ ମଧୁମିତା ରାଉତ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ପ୍ରବୋଧ କୁମାର ରାଉତ ଏହି ଉଦଘାଟନୀ ଯୋଗଦେଇ ଥିଲେ। ଏହି ଅବସରରେ ଓଡ଼ିଆ ସାହିତ୍ୟକୁ ଜୀବନବ୍ୟାପୀ ଅବଦାନ ପାଇଁ 'ଆମ ଗୌରବ ସମ୍ମାନ-୨୦୨୨' ପ୍ରଦାନ କରାଯାଇଥିଲା। ଏହି ମାତୃଭାଷା ମହାକୁମ୍ଭ ଦୁଇଦିନ ଧରି ପାଳନ କରାଯିବ। ସୋମବାର ଶେଷ ଦିନରେ ଓଡ଼ିଆ ଭାଷା ସହିତ ସମସ୍ତ ଭାରତୀୟ ଶାସ୍ତ୍ରୀୟ ଭାଷା ଓ ଲୋକପ୍ରିୟ ଭାଷାର ବିଶେଷଜ୍ଞମାନେ ଯୋଗଦେଇ ମାତୃଭାଷାର ବିଭିନ୍ନ ଦିଗ ବିଷୟରେ ଆଲୋଚନା କରିବେ। ଏଥିସହିତ ଓଡ଼ିଆ ଭାଷାକୁ ସମୃଦ୍ଧ କରିବା ପାଇଁ ବିଭିନ୍ନ କ୍ଷେତ୍ରରେ ବିଶେଷ ଅବଦାନ ରଖିଥିବା ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ମାନିତ କରାଯିବ ବୋଲି ଆବାହକ ରାଉତ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ୩୦ ଦେଶରୁ ବିଶିଷ୍ଟ ଓଡିଆ ବ୍ୟକ୍ତିତ୍ୱମାନେ ଯୋଗ ଦେଇଥିଲେ।


ଖୋର୍ଦ୍ଧା ଜିଲା ଚିଲିକା ବ୍ଲକର ଏକ ବୁଥ୍‌କେନ୍ଦ୍ରରେ ରବିବାର ଭୋଟ ଦେବାକୁ ମତଦାତାଙ୍କ ଧାଡ଼ି।

## ସ୍ମୃତିପୁସ୍ତକ 'ଜୀବନ ଯେମିତି' ଉନ୍ମୋଚିତ

**ଭୁବନେଶ୍ୱର,୨୦।୨(ବ୍ୟୁରୋ)**

ଉଦ୍ୟୋଗ ବିକାଶ ମଞ୍ଚର ଅଧକ୍ଷ ତଥା ପୂର୍ବତନ ଏମ୍ଏସ୍ଏମ୍ଇ ସଚିବ ପଞ୍ଚାନନ ଦାଶଙ୍କ ଜୀବନସ୍ମୃତି ପୁସ୍ତକ 'ଜୀବନ ଯେମିତି' ରବିବାର ସ୍ଥାନୀୟ ଏକ ହୋଟେଲ ପରିସରରେ ଉନ୍ମୋଚିତ ହୋଇଯାଇଛି। ପ୍ରକାଶନ ସଂସ୍ଥା ପେନ୍ ଇନ୍ ବୁକ୍ସ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ନିର୍ବାଚନ କମିଶନର ତଥା ପୂର୍ବତନ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀ ଯୋଗଦେଇ ଲେଖକଙ୍କ ସହ ତାଙ୍କ ବ୍ୟକ୍ତିଗତ ଅଭିଜ୍ଞତା ବଖାଣିବା ସହ ରାଜ୍ୟରେ ଏମ୍ଏସ୍ଏମଇ ବିକାଶ ଦିଗରେ ପଞ୍ଚାନନ ଦାଶଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ମୁଖ୍ୟବକ୍ତା ଭାବେ କବି ତଥା ଗଣଶିକ୍ଷା ବିଭାଗ ସଚିବ ବିଷ୍ଣୁପଦ ସେଠୀ ଯୋଗଦେଇ କହିଲେ, ଏଭଳି ପୁସ୍ତକର ଅଧିକରୁ ଅଧିକ ପୁସ୍ତକ ଆବଶ୍ୟକତା ରହିଛି। ଅଭିଜ୍ଞ ଓ ସଫଳ ବ୍ୟକ୍ତିଙ୍କ ଜୀବନ ଗାଥା ପରପିଢ଼ି ପାଇଁ ପ୍ରେରଣାଦାୟୀ ହେବ ବୋଲି ସେ କହିଥିଲେ। ଲେଖକ ଦାଶ ନିଜ ଚାକିରି ଜୀବନର ଅଭିଜ୍ଞତା ବଖାଣିବା ସହ ଅବସର ପରେ ରାଜ୍ୟରେ ଏମ୍ଏସ୍ଏମ୍ଇର ବିକାଶ ଦିଗରେ ତାଙ୍କ ଅନୁଷ୍ଠାନର ଭୂମିକା ସମ୍ପର୍କରେ କହିଥିଲେ। କଥାଶିଳ୍ପୀ ଶୁଭ୍ରାଂଶୁ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସରେ ଓରିକ୍ଲିନ୍ ପ୍ରାଇଭେଟ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଭାଲଚନ୍ଦ୍ର ମହାନ୍ତି ଓ ଭାରତୀୟ ଉଦ୍ୟୋଗୀ ଓ ଆର୍ଥିକ ଉପଭୋକ୍ତା ସଂଘ (ଇଫ୍‌କାଇ)ର କାର୍ଯ୍ୟକାରୀ ସଭାପତି ହରେନ୍ଦ୍ର ନାରାୟଣ ମହାପାତ୍ର ଓ ବାଣିଜ୍ୟ ମନ୍ତ୍ରଣାଳୟ ଅଧୀନ ଡେବ୍ଟ ରିକଭରୀ ଟ୍ରାଇବୁନାଲର ରେଜିଷ୍ଟ୍ରାର ସରୋଜ ରଥ ଅତିଥି ଭାବେ ଯୋଗଦେଇଥିଲେ।

## ହିନ୍ଦୀ ଭାଷାର ପ୍ରସାରକୁ ଗୁରୁତ୍ୱ

**ଭୁବନେଶ୍ୱର,୨୦।୨(ବ୍ୟୁରୋ)**

ଉତ୍କଳ ବିଶ୍ୱବିଦ୍ୟାଳୟ ହିନ୍ଦୀ ବିଭାଗର ସ୍ୱାଗତ ଉତ୍ସବ ପ୍ରଫେସର ଡ.ସୁବାସ ଚନ୍ଦ୍ର ଦାଶଙ୍କ ପୌରୋହିତ୍ୟରେ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ପଣ୍ଡିତ ପ୍ରବୋଧ କୁମାର ମିଶ୍ର ଯୋଗଦେଇ ସଂସ୍କୃତ ଓ ହିନ୍ଦୀ ଭାଷା ପରସ୍ପର ପରିପୂରକ ବୋଲି କହିଥିଲେ। ହିନ୍ଦୀ ଭାଷା ପ୍ରଚାର ଓ ପ୍ରସାର ତଥା ଶିକ୍ଷାଦାନକୁ ତ୍ୱରାନ୍ୱିତ କରିବାକୁ ପଡ଼ିବ। ପ୍ରଫେସର ବ୍ରଜସୁନ୍ଦର ମିଶ୍ର, ସୁଶ୍ରୀ ରଶ୍ମିରେଖା ବେହେରା ଓ ପାର୍ବତୀ ବାରିକ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ।

# ମତଦାନରୁ ବଞ୍ଚିତ ହେଲେ ଭୋଟର

**ଖୋର୍ଦ୍ଧା ଅଫିସ,୨୦।୨**

ତୃତୀୟ ପର୍ଯ୍ୟାୟ ମତଦାନ ବେଳେ ଅନେକ ସ୍ଥାନରେ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ମତଦାନ ଲାଗି ଲୋକଙ୍କ ମଧ୍ୟରେ ଉତ୍ସାହ ରହିଥିଲେ ମଧ୍ୟ ସେମାନଙ୍କୁ ଶେଷ ପର୍ଯ୍ୟାୟରେ ନିରାଶ ହେବାକୁ ପଡ଼ିଛି। ଟାଙ୍ଗିଆପଡ଼ାର ଆଶୁତୋଷ ଦାସ, ସ୍ତ୍ରୀ ଆରତି, ମା' ବାସନ୍ତି ଓ ପୁଅ ବିଶ୍ୱଜିତ ଭୋଟ ଦେଇପାରି ନ ଥିବା ଅଭିଯୋଗ କରିଛନ୍ତି। ଆଶୁତୋଷ କହିଛନ୍ତି, ମା'ଙ୍କ ବୟସାଧିକ ସତ୍ତ୍ୱେ ବହୁ କଷ୍ଟରେ ତାଙ୍କୁ ବୁଥ୍‌କୁ ଧରି ଆସିଥିଲୁ। ପୁଅ ପ୍ରଥମ ଥର ଭୋଟ ଦେବା ପାଇଁ ଉତ୍ସାହିତ ଥିଲା। ଦୀର୍ଘ ସମୟ ଧରି ଲମ୍ବାଧାଡିରେ ଠିଆ ହେବା ପରେ ମତଦାନ କେନ୍ଦ୍ରରେ ପ୍ରବେଶ କରିବା ବେଳେ ଭୋଟର ଲିଷ୍ଟରେ ନାଁ ନ ଥିବାରୁ ପ୍ରିଜାଇଡିଂ ଅଫିସର ମନା କରିଥିଲେ। ବାଧ୍ୟ ହୋଇ ନିରାଶରେ ଫେରିଲୁ। କେବଳ ଆଶୁତୋଷ ନୁହନ୍ତି, ଅନେକଙ୍କ ନାଁ ଭୋଟର ଲିଷ୍ଟରେ ନ ଥିବାରୁ ମତଦାନ କରିପାରିନାହାନ୍ତି।

### ଧରାପଡ଼ିଲେ ନକଲି ଭୋଟର

ଖୋର୍ଦ୍ଧା ବ୍ଲକର କୁରାଡମଲ୍ଲ ପଞ୍ଚାୟତର ଦଳେଇପୁର ସ୍କୁଲରେ ୧ ଓ ୨ ନମ୍ବର ବୁଥ୍‌ରେ ମତଦାନ ଚାଲିଥିଲା। ଶେଷ ପର୍ଯ୍ୟାୟରେ ବାହାର ଶ୍ରମିକ ଶ୍ରେଣୀର ଲୋକେ ବୁଥ୍‌ରେ ଭୋଟ ଦେବାକୁ ଠିଆ ହୋଇଥିବା ଜଣାପଡିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏ ନେଇ ଉଭୟ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ସେମାନେ ଉପଯୁକ୍ତ ପରିଚୟପତ୍ର ଦେଖାଇପାରି ନ ଥିଲେ। ଖବର ପାଇ ସଦର ପୋଲିସ ପହଞ୍ଚି ବୁଝାଶୁଝା କରିଥିଲା। ପ୍ରାୟ ୧୪ଜଣ ନକଲି ଭୋଟରଙ୍କୁ ପୋଲିସ ଧରି ପଚରାଉଚୁରା କରିବା ପରେ ଛାଡ଼ି ଦେଇଥିଲା।

### ବୁଥ୍ ରିଗିଂ ଗୁଜବ

ଖୋର୍ଦ୍ଧା ବ୍ଲକର ୩୨୫ ନମ୍ବର ବୁଥ୍‌ରେ ମତଦାନ ଚାଲିଥିଲା। ଏହି ସମୟରେ କେତେକ ସ୍ଥାନରେ ଦୁର୍ବୃତ୍ତମାନେ ବୁଥ୍ ରିଗିଂ କରୁଥିବା ଅଭିଯୋଗ ଆସିଥିଲା। ଏନେଇ ଖୋର୍ଦ୍ଧା ଥାନାଧିକାରୀ ସଞ୍ଜୟ ପଟ୍ଟନାୟକ କହିଛନ୍ତି, ଏଭଳି ଅଭିଯୋଗ ଆସିବା ପରେ ତୁରନ୍ତ ଫୋର୍ସ ପଠାଯାଇଥିଲା। ତେବେ ତାହା ଗୁଜବ ବୋଲି ଜଣାପଡ଼ିଥିଲା। କିଛି ସ୍ଥାନରେ ବରିଷ୍ଠ ନାଗରିକମାନେ ଭୋଟବାକ୍ସରେ ବାଲଟପେପର ପକାଇବା ନେଇ ସମସ୍ୟା ହେଉଥିବାରୁ ପ୍ରିଜାଇଡିଂ ଅଫିସରମାନେ ସେମାନଙ୍କୁ ସହଯୋଗ କରିଥିଲେ। ମାତ୍ର ବୁଥ୍ ରିଗିଂ ହୋଇ ନ ଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି।

### ଏଜେଣ୍ଟଙ୍କ ମନମୁଖି କାର୍ଯ୍ୟକୁ ବିରୋଧ

ଖୋର୍ଦ୍ଧା ବ୍ଲକ ପଲ୍ଲାତୋଟାପଡ଼ା ପଞ୍ଚାୟତର ପଲ୍ଲା ବରୁଣେଇ ସରକାରୀ ଉ.ପ୍ରା. ବିଦ୍ୟାଳୟରେ ୨ଟି ବୁଥ୍ ହୋଇଥିଲା। ଗୋଟିଏ ବୁଥ୍‌ରେ ଏକ ନିର୍ଦ୍ଦିଷ୍ଟ ପ୍ରାର୍ଥୀଙ୍କ ପକ୍ଷରୁ ନିଯୁକ୍ତ ପୋଲିଂ ଏଜେଣ୍ଟ ଭୋଟଦାନ କେନ୍ଦ୍ରରେ ଭୋଟରଙ୍କୁ ପ୍ରଭାବିତ କରୁଥିବା ନେଇ ବିପକ୍ଷ ପ୍ରାର୍ଥୀଙ୍କ ସମର୍ଥକ ପାଟିତୁଣ୍ଡ କରିଥିଲେ। ଖବର ପାଇ ଡିଏସ୍‌ପି ଓମ୍ ପ୍ରକାଶ ପାତ୍ର ପହଞ୍ଚି ବୁଝାଶୁଝା କରିଥିଲେ। ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

## ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଯାପିତ


ଅତିଥିଙ୍କ ଗହଣରେ ଖେଳାଳି ଓ ଅନ୍ୟମାନେ।

**ଜଟଣୀ,୨୦।୨(ଡି.ଏନ୍.ଏ.)**

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ବାଳିକା ବିଦ୍ୟାଳୟ ନିକଟ ଆଶ୍ରୟ କ୍ଲବ ଇଣ୍ଡୋର ଷ୍ଟାଡିୟମ ପରିସରରେ ଏଫଜେଡ୍ ଫୋର୍ଜା ଓଏସବିଏ ମାଷ୍ଟର୍ସ ର୍‍ୟାଙ୍କିଙ୍ଗ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ପୁରୁଷ ସିଙ୍ଗଲ୍ସ ଏବଂ ପୁରୁଷ ଡବଲ୍ସ ବିଭାଗରେ ୩୫, ୪୦, ୪୫, ୫୦ ବର୍ଷ ବୟସର ଭେଟେରାନ ଖେଳାଳିଙ୍କ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ଫାଇନାଲ ମ୍ୟାଚରେ ପୁରୁଷ ଡବଲ୍ସରେ ୫ଟି ଟିମ୍ ବିଜୟୀ ହୋଇଥିବା ବେଳେ ସିଙ୍ଗଲ୍ସରେ ମଧ୍ୟ ମଧ୍ୟ ୫ଟି ଟିମ୍ ବିଜୟୀ ହୋଇଛନ୍ତି। ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ଭାରତୀୟ ତୈଳ ନିଗମ ଜଟଣୀ ଶାଖାର ମ୍ୟାନେଜର ବିଶ୍ୱରଞ୍ଜନ ସିଂ, ଜଟଣୀ ଥାନା ଅଧିକାରୀ ଦୟାନିଧି ନାୟକ ଅତିଥିଭାବେ ଯୋଗଦେଇ ବିଜୟୀ ଟିମ୍ ଏବଂ ରନର୍ସ ଅପ ଟିମଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ଓଡ଼ିଶା ବ୍ୟାଡ୍‌ମିଣ୍ଟନ ଆସୋସିଏଶନର ମ୍ୟାଚ ରେଫ୍ରି ରିତା ଦାସ, ବିଜୟ କୁମାର ଦାଶ, ଜୟନ୍ତ ମିଶ୍ର, ବବଲୁ ସାହ, ମଳୟ କୁମାର ବେହେରା ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ। ଖୋର୍ଦ୍ଧା ଜଲା ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଓ ଆଶ୍ରୟ କ୍ଲବର ମିଳିତ ଆନୁକୂଲ୍ୟରେ ଏହି ଟୁର୍ନାମେଣ୍ଟ ହୋଇଥିଲା। ଆଶ୍ରୟ କ୍ଲବର ଉପ ସଭାପତି ପ୍ରଦୀପ ପଟ୍ଟନାୟକ, ରଞ୍ଜନ ସ୍ୱାଇଁ, ଶିବବ୍ରତ ପଟ୍ଟନାୟକ, ବିଷ୍ଣୁ ସାହୁ, ଜିତେନ୍ଦ୍ର ସାହୁ, ସୋଭାଗ୍ୟ ଜଗଦ୍ଦେବ, ପ୍ରଶାନ୍ତ ବେହେରା, କେ.ଆପ୍ପା ରାଓ, ଅବଦୁଲ ହକିମ ପ୍ରମୁଖ ସହଯୋଗ କରିଥିଲେ।

## ପ୍ରକଳ୍ପ ବିଦ୍ୟାର ଶୁଭାରମ୍ଭ

**ଭୁବନେଶ୍ୱର,୨୦।୨(ବ୍ୟୁରୋ)**

ପଟିଆସ୍ଥିତ ରାଜା ମଧୁସୂଦନ ଦେବ ସ୍ନାତକ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ସାମାଜିକ ଅନୁଷ୍ଠାନ ସମ୍ବେଦନା, ସ୍ନେହା ଫାଉଣ୍ଡେଶନ ଏବଂ ମହାବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ରବିବାର 'ପ୍ରକଳ୍ପ ବିଦ୍ୟା'ର ଶୁଭାରମ୍ଭ ହୋଇଛି। ସମ୍ବେଦନାର ସମ୍ପାଦକ ଅଶୋକ ଗାଣ୍ଡିଆ ଅତିଥିଙ୍କୁ ସ୍ୱାଗତ କରିଥିଲେ। ସ୍ନେହା ଫାଉଣ୍ଡେଶନ ପ୍ରତିଷ୍ଠାତା ରାକେଶ ରଞ୍ଜନ ବିଶ୍ୱାଳ ଓ ସମ୍ବେଦନାର ଉପସଭାପତି କାମାକ୍ଷା ପ୍ରସାଦ ଦାଶ 'ପ୍ରକଳ୍ପ ବିଦ୍ୟା'ର ଲକ୍ଷ୍ୟ ଓ କାର୍ଯ୍ୟ ପ୍ରଣାଳୀ ଉପରେ କହିଥିଲେ। ଅତିଥି ଭାବେ ଓଡ଼ିଶୀ ନୃତ୍ୟଗୁରୁ ନିତ୍ୟାନନ୍ଦ ଦାସ, ଯାତ୍ରା ଅଭିନେତା ଦୈତାରୀ ପଣ୍ଡା, ପ୍ରଶାନ୍ତ ରାଉତ, ସ୍ୱାତୀ ପଟ୍ଟନାୟକ, ଯଦୁନାଥ ପ୍ରଧାନ, ଡଃ ଏସ୍. ଆର୍. ପରିଜା ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ।

# ୫୦୧ ବୁଥ୍‌ରେ ପହଞ୍ଚିଲେ ପୋଲିଂ ପାର୍ଟି

**ଖୋର୍ଦ୍ଧା ଅଫିସ,୨୦।୨**

ବାଲିପାଟଣା ଓ ଭୁବନେଶ୍ୱର ବ୍ଲକରେ ୨୨ରେ ମତଦାନ

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ୪ର୍ଥ ପର୍ଯ୍ୟାୟ ମତଦାନ ଲାଗି ରବିବାର ପ୍ରଚାର ଅଭିଯାନ ଶେଷ ହୋଇଛି। ଏହି ପର୍ଯ୍ୟାୟରେ ବାଲିପାଟଣା ଓ ଭୁବନେଶ୍ୱର ବ୍ଲକ ପାଇଁ ଭୋଟ ଗ୍ରହଣ କରାଯିବ। ରବିବାର ଶେଷ ଦିବସରେ ସମସ୍ତ ପ୍ରାର୍ଥୀଙ୍କ ପକ୍ଷରୁ ଜୋରଦାର ପ୍ରଚାର କରାଯାଇଥିଲା। ଉଭୟ ବ୍ଲକର ୬ଜିଲାପରିଷଦ, ୩୭ ଗ୍ରାମ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଓ ୫୦୧ ୱାର୍ଡମେମ୍ବର ପାଇଁ ଆସନ୍ତା ୨୨ତାରିଖରେ ଭୋଟ ଗ୍ରହଣ କରାଯିବ। ସେଥିରୁ ବାଲିପାଟଣା ବ୍ଲକର ୩ ଜିଲାପରିଷଦ, ୧୭ ଗ୍ରାମପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଓ ୨୪୫ ୱାର୍ଡମେମ୍ବର ପ୍ରାର୍ଥୀ ଏବଂ ଭୁବନେଶ୍ୱର ବ୍ଲକର ୩ ଜିଲା ପରିଷଦ, ୨୦ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଓ ୨୫୬ ୱାର୍ଡମେମ୍ବର ପ୍ରାର୍ଥୀ ରହିଛନ୍ତି।

ବାଲିପାଟଣା ବ୍ଲକରେ ୧୩ ଜିଲାପରିଷଦ, ୬୫ ସମିତିସଭ୍ୟ, ୮୫ ସରପଞ୍ଚ, ୩୮୯ ୱାର୍ଡମେମ୍ବର ପ୍ରାର୍ଥୀ ଏବଂ ଭୁବନେଶ୍ୱର ବ୍ଲକର ୧୮ ଜିଲାପରିଷଦ, ୭୭ ସମିତିସଭ୍ୟ, ୧୦୦ ସରପଞ୍ଚ, ୩୫୩ ୱାର୍ଡମେମ୍ବର ପ୍ରାର୍ଥୀଙ୍କ ନିମନ୍ତେ ୫୦୧ ବୁଥ୍‌ରେ ୧, ୯୭, ୩୨୪ ଭୋଟର ନିଜ ମତାଧିକାର ସାବ୍ୟସ୍ତ କରିବେ। ସେଥିରୁ ବାଲିପାଟଣାରେ ୯୬, ୨୭୫ ଓ ଭୁବନେଶ୍ୱରରେ ୧୦, ୧୦୪୯ ଭୋଟର ରହିଛନ୍ତି। ବାଲିପାଟଣା ନିମନ୍ତେ ୧୭ ଏବଂ ଭୁବନେଶ୍ୱର ବ୍ଲକ ପାଇଁ ୨୦ଜଣ ସେକ୍ଟର ଅଫିସର ନିଯୁକ୍ତ ହୋଇଛନ୍ତି। ରବିବାର ଉଭୟ ବ୍ଲକ ପାଇଁ ନିୟୋଜିତ ପୋଲିଂ ଅଫିସରମାନେ ସମ୍ପୃକ୍ତ ବ୍ଲକ କାର୍ଯ୍ୟାଳୟରେ ରିପୋର୍ଟିଂ ପରେ ସନ୍ଧ୍ୟା ସୁଦ୍ଧା ନିଜ ବୁଥ କେନ୍ଦ୍ରରେ ପହଞ୍ଚି ସାରିଛନ୍ତି। ବାଲିପାଟଣା ବ୍ଲକରେ ୨୪୫ ବୁଥ୍ ମଧ୍ୟରୁ ୩୪ ଉତ୍ତେଜନାପ୍ରବଣ, ୧୫୮ ଉତ୍ତେଜନା ଓ ୫୩ ସାଧାରଣ ବୁଥ ରହିଛି। ଭୁବନେଶ୍ୱର ବ୍ଲକରେ ୨୫୬ ବୁଥ୍ ମଧ୍ୟରୁ ୫୬ ଉତ୍ତେଜନାପ୍ରବଣ, ୧୩୩ ଉତ୍ତେଜନା ଓ ୬୭ ସାଧାରଣ ବୁଥ ରହିଛି। ମତଦାନ ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଛି। ସମ୍ବେଦନଶୀଳ କେନ୍ଦ୍ରରେ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।

# ଜେଲଗଲେ ସ୍ୱାମୀ, ଶ୍ୱଶୁର

**ନିରାକାରପୁର,୨୦।୨(ଡି.ଏନ୍.ଏ.)**

ମହିଳାଙ୍କ ମୃତଦେହ ଜବତ ଘଟଣା

ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ପୋଲିସ ଶନିବାର ଜଣେ ମହିଳାଙ୍କ ମୃତଦେହ ଜବତ କରିଥିଲା। ମୃତା ହେଲେ ଏହି ଥାନା ଅଧୀନ ବାଲିଗାଡ଼ିଆ ଗ୍ରାମର ଜ୍ୟୋତ୍ସ୍ନା ପ୍ରଧାନ(୨୫)। ଏହି ଘଟଣାରେ ରବିବାର ପୋଲିସ ମୃତାଙ୍କ ସ୍ୱାମୀ ସୁନିଲ ସାମନ୍ତରାୟ ଓ ଶ୍ୱଶୁର ରତିକାନ୍ତ ସାମନ୍ତରାୟଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ଏମାନଙ୍କୁ ଜେଲକୁ ପଠାଇ ଦିଆଯାଇଛି ବୋଲି ଥାନା ଅଧିକାରୀ ଦିଗବିଜୟୀ ବିଶ୍ୱାଳ କହିଛନ୍ତି। ସୂଚନାଥାଉ କି, କଟକ ଜିଲା ସଦର ଥାନା ଅନ୍ତର୍ଗତ ନୂଆଗଡ଼ ତେଲେଙ୍ଗାପେଣ୍ଠ ସାହିର ଜ୍ୟୋତ୍ସ୍ନା ୭ମାସ ପୂର୍ବେ ବାଲିଗାଡ଼ିଆ ଗ୍ରାମର ସୁନିଲଙ୍କୁ ବିବାହ କରିଥିଲେ। ତେବେ କୌଣସି କାରଣ ନେଇ ଶୁକ୍ରବାର ଅପରାହ୍ନରେ ଜ୍ୟୋତ୍ସ୍ନା ଫ୍ୟାନ୍‌ରେ ଝୁଲୁଥିବା ଦେଖି ଶାଶୁଘର ଲୋକେ ସଙ୍ଗେସଙ୍ଗେ ଚିକିତ୍ସା ପାଇଁ ମେଡିକାଲ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ବାପଘର ଲୋକଙ୍କୁ ହସ୍ତାନ୍ତର କରିଥିଲା। ବ୍ୟବଚ୍ଛେଦ ବେଳେ ମୃତା ଗର୍ଭବତୀ ଥିବା ଜଣାପଡ଼ିଥିଲା। ଅନ୍ୟପକ୍ଷରେ ତାଙ୍କ ଝିଅକୁ ଶାଶୁଘର ଲୋକେ ମୋରି ଫ୍ୟାନ୍‌ରେ ଝୁଲାଇ ଦେଇଛନ୍ତି ବୋଲି ବାପା ଅଶୋକ ପ୍ରଧାନ ଥାନାରେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ପୋଲିସ ହତ୍ୟା ମାମଲା (ନଂ.୭୫/୨୨) ରୁଜୁକରି ତଦନ୍ତ ଚଳାଇଥିଲା।

# ମିଳୁନି ଜମାକାରୀଙ୍କ ଟଙ୍କା, ଆନ୍ଦୋଳନ ଚେତାବନୀ

**ବେଗୁନିଆ,୨୦।୨(ଡି.ଏନ୍.ଏ.)**

କ୍ଷତିଗ୍ରସ୍ତ ମିଳିତ ମଞ୍ଚ ଡାକରାରେ ରବିବାର ଖୋର୍ଦ୍ଧା ଜିଲା ବେଗୁନିଆ ବଜାରସ୍ଥିତ ମା'ଦୁର୍ଗା ଦେବୀଙ୍କ ପୀଠ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମଞ୍ଚ ରାଜ୍ୟ ସମ୍ପାଦକ ମଧୁସୂଦନ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବେଗୁନିଆ ବ୍ଲକ ଅଞ୍ଚଳର ବହୁ କ୍ଷତିଗ୍ରସ୍ତ ଜମାକାରୀ ଯୋଗଦେଇଥିଲେ। ଘରୋଇ କମ୍ପାନୀଙ୍କ ଠାରୁ କିପରି ଟଙ୍କା ଫେରିପାଇବେ ସେ ନେଇ ଆଲୋଚନା କରାଯାଇଥିଲା। ଆସନ୍ତା ୭ଦିନ ମଧ୍ୟରେ ଟଙ୍କା ନ ଫେରାଗଲେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଆନ୍ଦୋଳନ କରାଯିବ ବୋଲି ଜମାକରୀମାନେ ଚେତାବନୀ ଦେଇଛନ୍ତି। ଏନେଇ ସୋମବାର ଏକ ପତ୍ର ଜିଲାପାଳ ଓ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯିବ। ସୂଚନାଥାଉ କି, ବେଗୁନିଆ ଅଞ୍ଚଳରୁ ଅନେକ ଘରୋଇ ଅର୍ଥ ଲାଗାଣକାରୀ ସଂସ୍ଥା ୫୦କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଠକି ନେଇଯାଇଛନ୍ତି। ଦୀର୍ଘ ୮ବର୍ଷ ହେବ ଜମାକାରୀମାନେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ୨୦୧୩ରୁ ଲଢ଼େଇ ଜୋରଦାର କରୁଥିବା ମିଳିତ ମଞ୍ଚର ଦାବିକୁ ସରକାର ଶୁଣିଥିଲେ। ୩୦୦କୋଟି ଟଙ୍କାର କପର୍ସଫଣ୍ଡ ଗଠନ କରି ବହୁ କମ୍ପାନୀର ସମ୍ପତ୍ତି ବାଜ୍ୟାପ୍ତି କରିଥିଲେ। ଜମାକାରୀଙ୍କ ଟଙ୍କା ଏବେ ଯାଏ ଫେରିପାଇ ନ ଥିବା ଜଣାପଡ଼ିଛି। ବୈଠକରେ ଅନୁରାଧା ସୁବୁଦ୍ଧି, ଦୟାନିଧି ସାହୁ, ରିନାରାଣୀ ବଳବନ୍ତରାୟ, ନଳିନୀ ସାହୁ, ଗୀତାଞ୍ଜଳି ସ୍ୱାଇଁ, ପ୍ରଦୀପ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।


ବୈଠକରେ ଯୋଗ ଦେଇଥିବା ଜମାକାରୀ।

## ଆଜି କ'ଣ କେଉଁଠି

କଟକ

- ଉପନ୍ୟାସ 'ବହ୍ନି'ର ଉନ୍ମୋଚନ ଉତ୍ସବ, ସାରଳା ଭବନ, ସନ୍ଧ୍ୟା ୭ଟା

## ୨୧ ନଂ. ୱାର୍ଡ ବିଜେଡି କାର୍ଯ୍ୟକାରିଣୀ ବୈଠକ

**କଟକ ଅଫିସ,୨୦।୨:** କଟକ ମହାନଗର ନିଗମ(ସିଏମ୍‌ସି) ୨୧ନଂ. ୱାର୍ଡ ବିଜେଡିର କାର୍ଯ୍ୟକାରିଣୀ ବୈଠକ ସ୍ଥାନୀୟ ଟାଉନହଲ୍‌ଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ୨୧ ନଂ. ୱାର୍ଡର ବିଜେଡି ସଭାପତି ଅଶୋକ ଶର୍ମାଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ମୁଖ୍ୟଅତିଥି ଭାବେ ବିଜେଡି ଜିଲା ସଭାପତି ଦେବାଶିଷ ସାମନ୍ତରାୟ ଯୋଗଦେଇ ଦଳକୁ ତୃଣମୂଳ ସ୍ତରରୁ ମଜଭୁତ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ବୈଠକରେ ରାଜ୍ୟ ସଭା ସଦସ୍ୟ ସୁବାସ ସିଂ, ପୂର୍ବତନ ମେୟର ଅନିତା ବେହେରା, ନଗର ସଭାପତି ମଧୁସୂଦନ ସାହୁ, ମନୋଜିତ ଦାସ, ଆସିଫ ଅମିନ, କିଶାନ ମୋଦି, ରମଣ ବାଗେରିଆ ଓ ସମ୍ପ୍ରତି ମୋଡା ପ୍ରମୁଖ ଯୋଗଦେଇ ୱାର୍ଡର ଉନ୍ନତି ଓ ଦଳର ଆଭିମୁଖ୍ୟ ବିଷୟରେ କହିଥିଲେ।

## ଜୋନ୍ ୱାରି ଭୋଟ ଗଣତି ହେବ

**କଟକ ସଦର,୨୦।୨(ଡି.ଏନ୍.ଏ.):** କଟକ ସଦର ବ୍ଲକ ପରିସରରେ ଆସନ୍ତା ୨୬ରୁ ପଞ୍ଚାୟତ ନିର୍ବାଚନର ଭୋଟ ଗଣତି ଆରମ୍ଭ ହେବ। ଜୋନ୍ ୱାରି ଭୋଟ ଗଣତି କରାଯିବ ବୋଲି ବ୍ଲକ ନିର୍ବାଚନ ଅଧିକାରୀ ରାଜୀବ ଲୋଚନ ପରିଡ଼ା ସୂଚନା ଦେଇଛନ୍ତି। ୨୬ରେ ୪ ନଂ. ଜୋନ୍, ୨୭ରେ ୫ ନଂ. ଜୋନ୍ ଏବଂ ୨୮ରେ ୬ ଓ ୭ନଂ. ଜୋନ୍‌ର ଭୋଟ ଗଣତି କରାଯିବ।

## ଲକ୍ଷେଶ୍ୱର ମନ୍ଦିରରେ ବନ୍ଧୁମିଳନ କାର୍ଯ୍ୟକ୍ରମ

**ଫୁଲନଖରା,୨୦।୨(ଡି.ଏନ.ଏ.):** ନଖରାସ୍ଥିତ ଲକ୍ଷେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଲକ୍ଷେଶ୍ୱର ବିଦ୍ୟାଳୟ ୧୯୯୦ ବ୍ୟାଚ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଛାତ୍ର ନୀଳମଣି ଦାସଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରକାଶ ସାହୁ, ନାରାୟଣ ଦାସ, ଅନିଲ ଦଲେଇ, ଦିଗମ୍ବର ଦାସ, ଦିଲୀପ ବେହେରା, ଜନ୍ମେଜୟ ବେହେରା, କବିତା ମିଶ୍ର, ପାର୍ବତୀ ସାହୁ, ଅନୁସୂୟା ମଲିକ, ପୁଷ୍ପଲତା ଦାସ, ଲୋଚନୀ ବେହେରା, ସରୋଜିନୀ ବେହେରା, ଲକ୍ଷ୍ମୀପ୍ରିୟା ମହାନ୍ତି ପ୍ରମୁଖ ଯୋଗଦେଇ ପୁରୁଣା ସ୍ମୃତିକୁ ମନେ ପକାଇଥିଲେ।

## ସରପଞ୍ଚ, ସମିତିସଭ୍ୟ ପ୍ରାର୍ଥୀଙ୍କ ନିର୍ବାଚନୀ ପ୍ରଚାର

**ଖୁଣ୍ଟୁଣୀ,୨୦।୨(ଡି.ଏନ.ଏ.):** ଆଠଗଡ଼ ନିର୍ବାଚନମଣ୍ଡଳୀ ୩ନଂ. ଜୋନ କଣ୍ଡରେଇ ପଞ୍ଚାୟତର ସରପଞ୍ଚ ପ୍ରାର୍ଥୀ ସୁଦାମ ଚରଣ ବେଉରା ଓ ସମିତି ସଭ୍ୟ ପ୍ରାର୍ଥୀ ଦଣ୍ଡଧର ଦେହୁରୀ ଶତାଧିକ ସମର୍ଥକଙ୍କ ସହ ନିର୍ବାଚନୀ ପ୍ରଚାର କରିଛନ୍ତି। ଉଭୟ ପ୍ରାର୍ଥୀ ଶୋଭାଯାତ୍ରାରେ କଣ୍ଡରେଇ, ମହାଲକ୍ଷ୍ମୀପୁର, ଧଣ୍ଡିସାହି, କଂସର, ବାଉଁଶଟାଙ୍ଗର, ଡାଲୁଆ, ଅନନ୍ତପୁର, ମାଣତ୍ରି, ସତ୍ୟନାରାୟଣପୁର ଗ୍ରାମକୁ ଯାଇ ନିଜ ସପକ୍ଷରେ ଭୋଟ ଦେବା ପାଇଁ ଭୋଟରମାନଙ୍କୁ ନିବେଦନ କରିଥିଲେ। ସୁଦାମ ଉକ୍ତ ପଞ୍ଚାୟତରେ ଏକାଧିକ ଥର ସରପଞ୍ଚ ଥିବାବେଳେ ଦଣ୍ଡଧର ପ୍ରଥମଥର ପାଇଁ ନିର୍ବାଚନ ଲଢୁଛନ୍ତି। ସେହିପରି ରାଧାକୃଷ୍ଣପୁର ପଞ୍ଚାୟତର ସରପଞ୍ଚ ପ୍ରାର୍ଥୀ କାହ୍ନୁ ଚରଣ ମହାନ୍ତି, ସମିତିସଭ୍ୟ ପ୍ରାର୍ଥୀ ଅଜୟ ପରିଡା ତାଙ୍କର ଶତାଧିକ ସମର୍ଥକଙ୍କ ସହିତ ନିର୍ବାଚନୀ ପ୍ରଚାର କରିଛନ୍ତି। ସେମାନେ ନୂଆସାହି, ରାଧାକୃଷ୍ଣପୁର, ବିଲୁଆଗଡା, ରାହଙ୍ଗୁଲ, ଖଣ୍ଡୁଆଳି, ସଡକସାହି, ପାଦପଥର, କାଳିମାଟି, ମୁଷୁଳିଆ ଗ୍ରାମ ପରିକ୍ରମା କରି ରାଧାକୃଷ୍ଣପୁର ପଞ୍ଚାୟତକୁ ଦୁର୍ନୀତି ମୁକ୍ତ ଆଦର୍ଶ ପଞ୍ଚାୟତ ଭାବେ ଗଢି ତୋଳିବା ପାଇଁ ମତଦାତାଙ୍କୁ ଅବଗତ କରାଇଥିଲେ।

# ଷ୍ଟ୍ରଙ୍ଗରୁମ୍‌ରେ ବିଡିଓ ପଶିବା ଅଭିଯୋଗରେ ରାସ୍ତାରୋକୋ

**ନିଶ୍ଚିନ୍ତକୋଇଲି, ୨୦।୨(ସ୍ୱ.ପ୍ର.)**

ତ୍ରିସ୍ତରୀୟ ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟରେ କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକରେ ମତଦାନ ହୋଇଥିଲା। ଏହାପରେ ୫୯୦ ବୁଥର ଭୋଟ୍ ବାକ୍ସକୁ ପଞ୍ଚାୟତ ପ୍ରହଲ୍ଲାଦ ମହାବିଦ୍ୟାଳୟରେ ହୋଇଥିବା ଷ୍ଟ୍ରଙ୍ଗରୁମ୍‌ରେ ରଖାଯାଇଛି। ରବିବାର ବିଡିଓ ତଥା ବ୍ଲକ ନିର୍ବାଚନ ଅଧିକାରୀ ଷ୍ଟ୍ରଙ୍ଗରୁମ୍‌ର ସୁରକ୍ଷା ଯାଞ୍ଚ ପାଇଁ ବିଲଡିଂର ଗେଟ ଖୋଲି ସିସିଟିଭିରି ଡିସପ୍ଲେ ମନିଟରକୁ ଗେଟ୍ ସମ୍ମୁଖକୁ ମୁହଁକରି ରଖିଥିଲେ। ଏହି ଘଟଣାକୁ ନେଇ ଷ୍ଟ୍ରଙ୍ଗରୁମ୍‌ରୁ ୨୦୦ମିଟର ଦୂରରେ ଥିବା ଡେରାପକାଇଥିବା ପ୍ରାର୍ଥୀଙ୍କ ସମର୍ଥକମାନେ ହୋହାଲ୍ଲା କରିଥିଲେ। ସେମାନେ ବିଡିଓ ଷ୍ଟ୍ରଙ୍ଗରୁମ୍ ଭିତରେ ପ୍ରବେଶ କରିଥିବା ଅଭିଯୋଗ କରିଥିଲେ। ଖବର ପ୍ରସାରିତ ହେବାପରେ ବିଭିନ୍ନ ଅଞ୍ଚଳରୁ ପ୍ରାର୍ଥୀ ଓ ସମର୍ଥକମାନେ ସେଠାରେ ପହଞ୍ଚି ପାଟିତୁଣ୍ଡ କରିଥିଲେ। ଉତ୍ତ୍ୟକ୍ତ ଲୋକେ ବିଡିଓଙ୍କ ନିଲମ୍ବନ ଦାବିରେ କଲେଜ ନିକଟରେ ଥିବା କଟକ-ଚାନ୍ଦବାଲି ରାସ୍ତାରେ ଟାୟାର ଜାଳି ଅବରୋଧ କରିଥିଲେ। ଖବରପାଇ



ଉତ୍ତ୍ୟକ୍ତ ଲୋକେ କଟକ-ଚାନ୍ଦବାଲି ରାସ୍ତାରେ ଟାୟାରଜାଳି ଅବରୋଧ କରିଛନ୍ତି।

- ୨୦୦ ମିଟର ଦୂରରେ ଡେରା ପକାଇଛନ୍ତି ପ୍ରାର୍ଥୀଙ୍କ ସମର୍ଥକ
- କରିଡରରେ ଥିବା ମନିଟରର ଦିଗପରିବର୍ତ୍ତନ କରିବାକୁ ଯାଇଥିଲେ: ଜିଲାପାଳ

କଟକ ଉପଜିଲାପାଳ ପ୍ରତାପ ଚନ୍ଦ୍ର ବେଉରିଆ,ମାହାଙ୍ଗା ତହସିଲଦାର ଉମାକାନ୍ତ ବିଶ୍ୱାଳ,ନିଶ୍ଚିନ୍ତକୋଇଲି ଅତିରିକ୍ତ ତହସିଲଦାର କ୍ରିଷ୍ଣା ପାଢୀ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିଥିଲେ। ନିଶ୍ଚିନ୍ତକୋଇଲି ଥାନା ଅଧିକାରୀ ଚିନ୍ମୟୀ ସାହୁ ପୋଲିସ ଫୋର୍ସ ସହାୟତାରେ ଆଇନ ଶୃଙ୍ଖଳା ପରିସ୍ଥିତିକୁନିୟନ୍ତ୍ରଣ କରିଥିଲେ। ଉପଜିଲାପାଳ ଷ୍ଟ୍ରଙ୍ଗରୁମ୍‌ରୁ ସିସିଟିଭି ଫୁଟେଜ ସଂଗ୍ରହକରିସାଧାରଣ ଲୋକଙ୍କୁଦେବାପାଇଁ ପ୍ରତିଶ୍ରୁତି ଦେବାପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା। ଏସମ୍ପର୍କରେ କଟକ ଜିଲାପାଳ ଭବାନୀଶଙ୍କର ଚଇନି କୁହନ୍ତି, ବିଡିଓ ଷ୍ଟ୍ରଙ୍ଗରୁମକୁ ପ୍ରବେଶ କରିନାହାନ୍ତି। ସେ ଏହାର କରିଡର ଭିତରେ ଥିବା ମନିଟରର ଦିଗପରିବର୍ତ୍ତନ କରିବାକୁ ଯାଇଥିଲେ। ଷ୍ଟ୍ରଙ୍ଗରୁମ ସୁରକ୍ଷିତ ରହିଛି। ଚାହିଁଲେ ଅଭିଯୋଗକାରୀମାନେ ସିସିଟିଭି ଫୁଟେଜ ଦେଖିପାରିବେ।

ଅପରପକ୍ଷେ ବାରମ୍ବାର ଏହି ଷ୍ଟ୍ରଙ୍ଗରୁମ୍‌ରୁ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଶନିବାର ଷ୍ଟ୍ରଙ୍ଗରୁମ୍ ଚର୍ତୁପାର୍ଶ୍ୱରେ ଉଜ୍ଜ୍ୱଳ ଆଲୋକୀକରଣ ବ୍ୟବସ୍ଥା ଓ ଚତୁପାର୍ଶ୍ୱ ସଫା କରିବା ପାଇଁ ପ୍ରାର୍ଥୀଙ୍କ ସମର୍ଥକମାନେ ଦାବି କରିଥିଲେ। ମାତ୍ର ନିର୍ବାଚନ ଅଧିକାରୀ ଏଥିପ୍ରତି ଧ୍ୟାନ ନ ଦେବାରୁ ଉତ୍ତ୍ୟକ୍ତ ଲୋକେ ଶୁକରପଡା ନିକଟରେ ୨ଘଣ୍ଟା ପର୍ଯ୍ୟନ୍ତ ରାସ୍ତାରୋକ କରିଥିଲେ।

## ରାଜକିଶୋର ଥିଲେ ଆଦର୍ଶବାଦୀ ମଣିଷ

**କଟକ ଅଫିସ,୨୦।୨**

ପୂର୍ବତନ ବିଧାୟକ ରାଜକିଶୋର ରାମଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ଟାଙ୍ଗୀ ଥାନା ନିକଟ ଶିଶୁ ଉଦ୍ୟାନରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ଅଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ରଥ ଶ୍ରଦ୍ଧାଞ୍ଜଳି ଜଣାଇ କହିଥିଲେ, ରାଜକିଶୋର ଜଣେ ଅମାୟିକ ଓ ଆଦର୍ଶବାଦୀ ମଣିଷ ଥିଲେ, ଶିକ୍ଷାନୁଷ୍ଠାନ ସ୍ଥାପନ ଓ ଅଗ୍ରଗତିରେ ତାଙ୍କର ସହଯୋଗ ଚିର ସ୍ମରଣୀୟ ହୋଇରହିବ ବୋଲି କହିଥିଲେ। ରାଜକିଶୋରଙ୍କ ପ୍ରତିମୂର୍ତ୍ତିରେ ଡ୍ରିମ୍‌ସ ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ଲୋକ ସମ୍ପର୍କ ଅଧିକାରୀ ନିରାକାର ସାହୁ ମାଲ୍ୟାର୍ପଣ କରି ଅମର ଆତ୍ମାର ସଦଗତି କାମନା କରିଥିଲେ।

## ଚକ୍ଷୁ ଚିକିତ୍ସା ଶିବିର

**କଟକ ଅଫିସ,୨୦।୨**

ଅଗ୍ରଣୀ ସାମାଜିକ ସଙ୍ଗଠନ ଜୟ ଜଗନ୍ନାଥ ସେବା ସମିତି ଟ୍ରଷ୍ଟ ପକ୍ଷରୁ ସ୍ଥାନୀୟ ବଡେଇ ସାହିସ୍ଥିତ ଟ୍ରଷ୍ଟର ମୁଖ୍ୟ କାର୍ଯ୍ୟାଳୟ ବାସ୍ତରୀ ମଠରେ ମାଗଣା ଚକ୍ଷୁ ଚିକିତ୍ସା ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ଏହି ଶିବିରରେ ସେଣ୍ଟ ଜାଭିୟର ଅଧକ୍ଷ ପ୍ରଭୁ ଚରଣ ମହାନ୍ତି ,ଡା. ଉମେଶ ପାଣିଗ୍ରାହୀ, ଟ୍ରଷ୍ଟର ସଭାପତି ମନୋଜ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଭାଷା ସଂସ୍କୃତି ସମାଜର ମାସିକ ଆଲୋଚନାଚକ୍ର

**ଭୁବନେଶ୍ୱର,୨୦।୨(ବ୍ୟୁରୋ)**

ସାହିତ୍ୟାନୁଷ୍ଠାନ ଭାଷା ସଂସ୍କୃତି ସମାଜର ଫେବୃୟାରୀ ମାସ ଆଲୋଚନାଚକ୍ର ଓ କବିତା ପାଠ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ନିକୋ ପାର୍କ ନିକଟ ସୁନଦେଇ ମନ୍ଦିର ସଭା ଗୃହରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଉପଦେଷ୍ଟା ନଟବର ମହାନ୍ତି ସଭାପତିତ୍ୱ କରିଥିଲେ। 'ଓଡ଼ିଆ କବିତା : ଭାଷା ଓ ଶବ୍ଦର ପ୍ରୟୋଗ' ବିଷୟରେ ଆଲୋଚନା କରାଯାଇଥିଲା। ଭାଷା ଓ ଗବେଷଣାବିତ୍ ସୀମାଞ୍ଚଳ ପଣ୍ଡା ଆଲୋଚକ ଭାବେ ଯୋଗ ଦେଇଥିଲେ। ଏହି ଅବସରରେ କବିତା ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ୫୦ରୁ ଊର୍ଦ୍ଧ୍ୱ କବୟିତ୍ରୀ ଓ କବି ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ।

## 'ବ୍ୟାୟାମ କଲେ ହୃଦ୍‌ରୋଗରୁ ଦୂରେଇ ରହିହେବ'

**କଟକ ଅଫିସ, ୨୦।୨**

ଅଭିନବ ବିଡାନାସୀ ପଥଚାରୀ ସଂଘ ପକ୍ଷରୁ ସିଡିଏ ପରିବା ମାର୍କେଟ ନିକଟରେ ସ୍ୱାସ୍ଥ୍ୟ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ହୃଦଘାତ ସମୟରେ ଠିକ୍ ପରିଚାଳନା ବିଷୟରେ ଆଲୋଚନା ହୋଇଥିଲା। ସଂଘ ସଭାପତି ଦେବେନ୍ଦ୍ର ସୂତାରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ହୃଦ୍‌ରୋଗ ବିଶେଷଜ୍ଞ ଡା. ରୁଷିକାନ୍ତ ମହନ୍ତ ଯୋଗଦେଇ ହୃଦଘାତ ସମୟରେ କ'ଣ ପଦକ୍ଷେପ ନିଆଯାଇପାରିବ ସେ ବିଷୟରେ ଆଲୋଚନା କରିଥିଲେ। ବିଭିନ୍ନ ଆଧୁନିକ ଚିକିତ୍ସା ବ୍ୟବସ୍ଥା ଏବଂ ନିୟନ୍ତ୍ରିତ ଖାଦ୍ୟ ସାଙ୍ଗକୁ ନିୟମିତ ବ୍ୟାୟାମ କରିବା ଦ୍ୱାରା ହୃଦ୍‌ରୋଗକୁ ଦୂରେଇ ରହିହେବ ବୋଲି ସେ କହିଥିଲେ। ଏହି ସଭାରେ ଡା. ବୃନ୍ଦାବନ ବିଶ୍ୱାଳ, ମଦନ ମୋହନ ମହାପାତ୍ର, ସତ୍ୟ ରାୟ, ଧୀରେନ୍ଦ୍ର ମହାନ୍ତି, ଡ. ବିଷ୍ଣୁଚରଣ ସାହୁ, ଇଂ. କୃଷ୍ଣକୁମାର ଦାସବର୍ମା, ଗୋବିନ୍ଦ ବିହାରୀ ଜେନା, ଦୁର୍ଗା ପ୍ରସାଦ ମିଶ୍ର, ପ୍ରମିଳା ଦାସବର୍ମା, ହିମାଂଶୁବାଳା ପଟ୍ଟନାୟକ, ମନୋରଞ୍ଜନ ଦାସ, ରବି ନାରାୟଣ ସ୍ୱାଇଁ, ପ୍ରତାପ ମିଶ୍ର ପ୍ରମୁଖ ଉପସ୍ଥିତଥିଲେ। ସମ୍ପାଦକ ରମେଶ ଚନ୍ଦ୍ର ସାହୁ ପ୍ରାରମ୍ଭିକ ସୂଚନା ପ୍ରଦାନ ଓ ରତନ ଚାନ୍ଦ ଦାସ ଧନ୍ୟବାଦ ଦେଇଥିଲେ।

# 'କୁନ୍ତଳା କୁମାରୀଙ୍କ କୃତି କାଳଜୟୀ'




ସମାରୋହରେ ଲେଖିକା ବିଜୟିନୀ ଦାସଙ୍କୁ ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାରସ୍ୱତ ସମ୍ମାନ ପ୍ରଦାନ କରାଯାଉଛି।

**କଟକ ଅଫିସ,୨୦।୨**

ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାବତ ଭାରତୀୟ ସାହିତ୍ୟରେ ଜଣେ ଅନନ୍ୟ ପ୍ରତିଭା। କବି ଓ ଔପନ୍ୟାସିକ ଭାବେ ସେ ଅନେକ ଖ୍ୟାତି ଅର୍ଜନ କରିଥିଲେ। କୁନ୍ତଳା କୁମାରୀଙ୍କ କୃତି କାଳଜୟୀ ବୋଲି ରବିବାର କୁନ୍ତଳା କୁମାରୀ ସାବତଙ୍କ ସ୍ମୃତି ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ହାଇକୋର୍ଟ ବିଚାରପତି ଶଶିକାନ୍ତ ମିଶ୍ର କହିଥିଲେ। କଟକ ସାରଳା ଭବନରେ ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାବତ ଫାଉଣ୍ଡେଶନ ପକ୍ଷରୁ ଏହି ସ୍ମୃତି ସମାରୋହ ଅନୁଷ୍ଠିତ ହୋଇଥିଲା। ଫାଉଣ୍ଡେଶନର ସଭାପତି ଇଂ. ପ୍ରଭାକର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ସମ୍ମାନିତ ଅତିଥି ଭାବେ ପ୍ରାଧ୍ୟାପକ ତରୁଣ କୁମାର ସାହୁ ଯୋଗଦେଇ କହିଥିଲେ, କୁନ୍ତଳା କୁମାରୀଙ୍କ କବିତାର ଛତ୍ରେ ଛତ୍ରେ ଦେଶାତ୍ମବୋଧର ସ୍ୱର ପରିଦୃଷ୍ଟ ହୁଏ। ତାଙ୍କର ଉପନ୍ୟାସ ଭ୍ରାନ୍ତି, ନଅତୁଣ୍ଡି, ରଘୁ ଅରକ୍ଷିତ, କାଳୀବୋହୂ ପ୍ରଭୃତି ଗ୍ରନ୍ଥ ଓଡିଆ ସାହିତ୍ୟର ଅମୂଲ୍ୟ ସମ୍ପଦ। ସେହିପରି ମୁଖ୍ୟବକ୍ତା ଡ. ସୁଲୋଚନା ଦାସ କହିଥିଲେ, କୁନ୍ତଳା କୁମାରୀ ଜଣେ ଉଚ୍ଚକୋଟୀର କବି ଓ ଔପନ୍ୟାସିକ ଥିଲେ। ଏଥିରେ ବିଶିଷ୍ଟ ଅତିଥି ଭାବେ ପ୍ରଫେସର ନିରଞ୍ଜନ ତ୍ରିପାଠୀ ଯୋଗଦେଇଥିଲେ। ଏହି ଅବସରରେ ଲେଖିକା ବିଜୟିନୀ ଦାସଙ୍କୁ ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାରସ୍ୱତ ସମ୍ମାନ, ଚିକିତ୍ସା କ୍ଷେତ୍ରରେ ପ୍ରସିଦ୍ଧି ଲାଭ କରିଥିବା ପ୍ରଫେସର ଡା. ନୀରଦ କୁମାର ଗୋଛାୟତ, ପ୍ରଫେସର କ୍ଷୀରୋଦ ଚନ୍ଦ୍ର ନନ୍ଦ, ଡା. ବିଶ୍ୱଜିତ ଦାଶମହାପାତ୍ର (ମରଣୋତ୍ତର) ଏବଂ ଡା. ଧନଞ୍ଜୟ ରାମଙ୍କୁ ଉତ୍କଳ ଭାରତୀ କୁନ୍ତଳା କୁମାରୀ ଚିକିତ୍ସାବିଜ୍ଞାନ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବରେଣ୍ୟ ଅତିଥି ଡା. ରମେଶ ଚନ୍ଦ୍ର ଦାସ, କଣ୍ଠଶିଳ୍ପୀ ଅନିନ୍ଦିତା ଦାସ, ନାଟ୍ୟକାର ସଞ୍ଜିତ ପଟ୍ଟନାୟକ, ସମ୍ପାଦକ ଡ. ଚୌଧୁରୀ ସତ୍ୟ ଦାସ, ଡ. ମଞ୍ଜୁଶ୍ରୀ ଶାସ୍ତ୍ରୀ, ବିଭୁ ପ୍ରସାଦ ରାଉତ, ଅଧ୍ୟାପକ ନିର୍ମଳ ଚନ୍ଦ୍ର ପହି, ବ୍ରଜ କିଶୋର ବେଉରା ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷାବିତ୍ କୈଳାସ ଚନ୍ଦ୍ର ବରାଳ ଧନ୍ୟବାଦ ଦେଇଥିଲେ।

## ଦୋକାନ ସହ ଗାଡ଼ି ପୋଡ଼ିଦେଲେ ଦୁର୍ବୃତ୍ତ



ନିଆଁ ଲାଗି ରଟାପାଟ ଛକରେ ଥିବା ଷ୍ଟେସନାରୀ ଦୋକାନ, ଟାଟାଏସିଇ ଗାଡ଼ି ଜଳୁଛି।

**ନରସିଂହପୁର,୨୦।୨(ସ୍ୱ.ପ୍ର.)**

- ରଟାପାଟରେ ନିର୍ବାଚନ ପରବର୍ତ୍ତୀ ହିଂସା
- ଭାଜପା କର୍ମୀଙ୍କୁ ମରଣାନ୍ତକ ଆକ୍ରମଣ

ବଡ଼ମ୍ବା ବ୍ଲକ ରଟାପାଟ ଗ୍ରାମରେ ନିର୍ବାଚନ ପରବର୍ତ୍ତୀ ହିଂସା ଦେଖିବାକୁ ମିଳିଛି। ଜଣେ ଭାଜପା କର୍ମୀଙ୍କ ଦୋକାନ ଓ ଗାଡିକୁ ଦୁର୍ବୃତ୍ତମାନେ ପୋଡ଼ିଦେଇଛନ୍ତି। ସେ ହେଲେ ଉକ୍ତ ଗ୍ରାମର ମିହିର କୁମାର ପ୍ରଧାନ। ରଟାପାଟ ଛକରେ ତାଙ୍କର ଏକ ଷ୍ଟେସନାରୀ ଦୋକାନ ରହିଛି। ସନ୍ଧ୍ୟା ପ୍ରାୟ ୬ଟା ବେଳେ କେତେଜଣ ଲୋକ ସଂଘବଦ୍ଧ ଭାବେ ପ୍ରଧାନଙ୍କ ଦୋକାନରେ ଆଗରେ ପହଞ୍ଚି ତାଙ୍କୁ ଗାଳିଗୁଲଜ କରିବା ସହ ମରଣାନ୍ତକ ଆକ୍ରମଣ କରିଥିଲେ। ଏପରିକି ତାଙ୍କ ଦୋକାନରେ ନିଆଁ ଲଗେଇ ଦେଇଥିଲେ। ଦୋକାନ ଆଗରେ ଥିବା ଏକ ଟାଟାଏସିଇ ଗାଡିକୁ ମଧ ପୋଡ଼ିଦେଇଥିଲେ। ଖବରପାଇ ବାଲିଝରି ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଘଟଣାସ୍ଥଳରେ ଉତ୍ତେଜନା ସୃଷ୍ଟି ହେବାରୁ ବଡ଼ମ୍ବା ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଛି। ରିପୋର୍ଟ ଲେଖାହେବା ବେଳକୁ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିଲା। ପ୍ରଧାନ ଦଳୀୟ ସମର୍ଥିତ ସରପଞ୍ଚ ଓ ସମିତି ସଭ୍ୟ ପ୍ରାର୍ଥୀଙ୍କୁ ସମର୍ଥନ କରୁଥିବାରୁ ବିରୋଧୀମାନେ ଏପରି କରିଥିବା ଚର୍ଚ୍ଚା ହେଉଛି।

# ୩ ବ୍ଲକରେ ସରିଲା ପଞ୍ଚାୟତ ନିର୍ବାଚନ

**କଟକ ଅଫିସ,୨୦।୨**

କଟକ ଜିଲାର ୩ଟି ବ୍ଲକରେ ରବିବାର ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଶାନ୍ତିଶୃଙ୍ଖଳାରେ ଶେଷ ହୋଇଛି। କଣ୍ଟାପଡା ବ୍ଲକରେ ୭୩, ୬୩୬ ଜଣ ଭୋଟ ଦେବାକୁ ଥିବାବେଳେ ୫୭, ୬୯୩ ଜଣ ମତଦାନ କରିଛନ୍ତି। ସେହିପରି ତିଗିରିଆ ବ୍ଲକରେ ୫୯, ୦୧୯ ଜଣ ଭୋଟ ଦେବାକୁ ଥିବାବେଳେ ୪୮, ୭୪୪ ଜଣ ଭୋଟ ଦେଇଛନ୍ତି। ସାଲେପୁର ବ୍ଲକରେ ୧ଲକ୍ଷ ୬୬ ହଜାର ୮୫୯ ଜଣ ଭୋଟ ଦେବାକୁ ଥିବାବେଳେ ୧ଲକ୍ଷ ୩୦ ହଜାର ୯୮୪ ଜଣ ଭୋଟର ମତଦାନ କରିଛନ୍ତି। ମୋଟ୍ ୭୯.୨୬୮୭୫ ପ୍ରତିଶତ ମତଦାନ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ୩୧୬ ବୁଥ୍‌ରେ ହେବ ମତଦାନ

**ଚୌଦ୍ୱାର,୨୦।୨(ଡି.ଏନ୍.ଏ.)**

**ପ୍ରଶାସନର ନିର୍ବାଚନୀ ପ୍ରସ୍ତୁତି**

ଆସନ୍ତା ୨୨ ତାରିଖରେ ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଞ୍ଚଳରେ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ପୋଲିସ ଓ ବ୍ଲକ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଏହି ବ୍ଲକ ଅଧୀନ ୨୪ ପଞ୍ଚାୟତର ମୋଟ୍ ୧ଲକ୍ଷ ୩ହଜାର ୭୭୬ ଜଣ ଭୋଟର ମତଦାନ କରିବେ। ଏଥିପାଇଁ ୩୧୬ ବୁଥ୍ କରାଯାଇଛି। ସେଥିମଧ୍ୟରୁ ୨୫ରୁ ଅଧିକ ବୁଥ୍ ସମ୍ବେଦନଶୀଳ ଓ ୬ଟି ଅତି ସମ୍ବେଦନଶୀଳ ବୁଥ୍ ଭାବେ ଚିହ୍ନଟ କରାଯାଇଥିବା ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଟାଙ୍ଗୀ ଥାନା ଅଧୀନରେ ୨୧୨ ବୁଥ୍ ରହିଛି। ଏହାକୁ ନିୟନ୍ତ୍ରଣ କରିବା ପାଇଁ ୧୮ଟି ମୋବାଇଲ ପାର୍ଟି, ୫ପ୍ଲାଟୁନ ଫୋର୍ସ, ୬ଜଣ ଏଏସ୍ଆଇ, ୪ ଜଣ ଇନସ୍ପେକ୍ଟରଙ୍କ ସମେତ ୧୦ ସୁପରଭାଇଜିଂ ଅଫିସର ମୁତୟନ ହୋଇଥିବା ଟାଙ୍ଗୀ ଥାନା ଆଇଆଇସି ସୁଚିତ୍ରବିର୍ଯ୍ୟ ଦାସ କହିଛନ୍ତି। ସେହିପରି ଚୌଦ୍ୱାର ଥାନା ଅଧୀନରେ ୧୮୪ଟି ବୁଥ୍ କରାଯାଇଛି। ଏହାକୁ ପରିଚାଳନା କରିବା ପାଇଁ ୯ଜଣ ଏଡିସିପି, ୧୨ ଇନ୍‌ସପେକ୍ଟର, ୧୫ପ୍ଲାଟୁନ ଫୋର୍ସ ମୁତୟନ ସହ ୪୫ଟି ପାଟ୍ରୋଲିଂ ଭ୍ୟାନ୍ ନିୟୋଜିତ ହୋଇଥିବା ଚୌଦ୍ୱାର ଥାନା ଅଧିକାରୀ ବିରଞ୍ଚି ନାରାୟଣ ପତି ସୂଚନା ଦେଇଛନ୍ତି।

## 'ଯୋଗ କଲେ ରୋଗ ଦୂରେଇ ଯିବ'

**କଟକ ଅଫିସ,୨୦।୨**

ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ସମୂହ ସୂର୍ଯ୍ୟ ନମସ୍କାର ଓ ଯୋଗ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। କଟକ ପତଞ୍ଜଳି ଯୋଗ ପୀଠ ପରିବାର ଆନୁକୂଲ୍ୟରେ ଆଜାଦୀ କା ଅମୃତ ମହୋତ୍ସବ ପରିପ୍ରେକ୍ଷୀରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଶ୍ୱବିଦ୍ୟାଳୟ କୁଳପତି ସଞ୍ଜୟ ନାୟକ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ କଟକ ଏଡିଏମ୍ ବିଜୟ ଖଣ୍ଡାୟତରାୟ ଯୋଗଦେଇ ଛାତ୍ରୀଛାତ୍ରଙ୍କ ସହ ସୂର୍ଯ୍ୟ ନମସ୍କାର କରିଥିଲେ। ନିୟମିତ ଯୋଗ କଲେ ରୋଗ ଦୂରେଇ ଯିବ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ସୁନୀଲ ଶର୍ମା, ସୁଧାଂଶୁ ଶେଖର, କୃତ୍ତିବାସ ପଣ୍ଡା, ଚୈତନ୍ୟ ପଢିଆରି, କୃଷ୍ଣଚନ୍ଦ୍ର ସାହୁ, ସନ୍ତୋଷ କୁମାର ରାୟ, ସୁରଭି ରାଉତ, କିଶୋର ପ୍ରଧାନ, ଇଂ. ଅରବିନ୍ଦ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।



ସିଡିଏ ସେକ୍ଟର-୮ସ୍ଥିତ ଏକ ଘରୋଇ ହସ୍ପିଟାଲରେ ରବିବାର ଅଗ୍ନିଶମ ବିଭାଗ ପକ୍ଷରୁ ଅନୁଷ୍ଠିତ ମକ୍‌ଡ୍ରିଲ।



ମହାଶିବରାତ୍ରି ପାଇଁ କଟକ ଫିରିଙ୍ଗି ବଜାର ଅଞ୍ଚଳର ଏକ ଘରେ ଜାଗର ଟୋପି ପ୍ରସ୍ତୁତ କରାଯାଉଛି।



ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ପଡିଆରେ କଟକ ପତଞ୍ଜଳି ଯୋଗପୀଠ ପରିବାର ପକ୍ଷରୁ ରବିବାର ଅନୁଷ୍ଠିତ ସାମୂହିକ ସୂର୍ଯ୍ୟ ନମସ୍କାର।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୦।୨।୨୦୨୨

| ୧,୪୪,୧୧୧ ଟଙ୍କା | |
|---|---|
| ସୁନା | ମିଳିନାହିଁ |
| ରୁପା | ମିଳିନାହିଁ |

## ସଂକ୍ଷେପରେ

### କାର୍-ବାଇକ୍ ମୁହାଁମୁହିଁ ଧକ୍କା, ଜଣେ ଗୁରୁତର

ବୋଲଗଡ଼,୨୦।୨(ଡି.ଏନ୍.ଏ.): ବୋଲଗଡ଼ ବ୍ଲକ ଅନ୍ତର୍ଗତ ୫୭ନମ୍ବର ବଲାଙ୍ଗୀର- ଖୋର୍ଦ୍ଧା ଜାତୀୟ ରାଜପଥର ଚୁଡ଼ା ବଜାର ଛକ ନିକଟରେ ରବିବାର ସନ୍ଧ୍ୟାରେ କାର୍-ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ବାଇକ୍ ଚାଳକ ଗୁରୁତର ଆହତ ହୋଇଛନ୍ତି। ଗୁରୁତରଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱରର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ବୋଲଗଡ଼ ଥାନା ଅଧୀନ ଶ୍ୟାମସୁନ୍ଦରପୁର ଗ୍ରାମର ସୁଦର୍ଶନ ବେହେରା ଓ ତାଙ୍କର ଜଣେ ସମ୍ପର୍କୀୟ ହେମନ୍ତ ନାୟକଙ୍କ ସହ ବାଇକ୍‌ରେ ରାଜସୁନାଖଳାରୁ ବୋଲଗଡ଼ ଅଭିମୁଖେ ଆସୁଥିଲେ। ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ଏକ କାର୍ ସହ ଚୁଡ଼ା ବଜାର ଛକରେ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ବାଇକ୍ ଚାଳକ ସୁଦର୍ଶନ ଓ ହେମନ୍ତ ଆହତ ହୋଇଥିଲେ। ଖବରପାଇ ବୋଲଗଡ଼ ଅଗ୍ନିଶମ କର୍ମଚାରୀ ପହଞ୍ଚି ଆହତଦ୍ୱୟଙ୍କୁ ବୋଲଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସୁଦର୍ଶନଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ଭୁବନେଶ୍ୱରର ଏକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ବୋଲଗଡ଼ ଥାନା ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ଦୁଇ ଗାଡ଼ିକୁ ଜବତ କରି ତଦନ୍ତ ଚଳାଇଛି।

### ରାଜବୀରଙ୍କ ଚିକିତ୍ସା ପାଇଁ ସହାୟତା ମାଗିଲେ ଛାତ୍ର

କୃଷ୍ଣପ୍ରସାଦ,୨୦।୨(ଡି.ଏନ୍.ଏ.): ଫୁଲବାଣୀ ଜିଲା କନ୍ଧମାଳ ଆମ୍ବାପଡା ଗ୍ରାମର୧ବର୍ଷ ୮ମାସର ରାଜବୀର ରଣାଙ୍କ ଚିକିତ୍ସା ପାଇଁ ରାଜ୍ୟର କୋଣ ଅନୁକୋଣରୁ ଆସୁଛି ସହାୟତା। ବିଭିନ୍ନ ସଙ୍ଗଠନ ପକ୍ଷରୁ ଅର୍ଥ ସଂଗ୍ରହ କାର୍ଯ୍ୟ ଜାରି ରହିଥିବା ବେଳେ ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଗୋମୁଣ୍ଡିଆ ପଞ୍ଚାୟତର କେତେଜଣ ପ୍ରାଥମିକ ଛାତ୍ର ସହାୟତା ପାଇଁ ଅଣ୍ଟା ଭିଡ଼ିଛନ୍ତି। ରବିବାର କେତେଜଣ ଛାତ୍ର ରାଜବୀରଙ୍କ ଚିକିତ୍ସା ପାଇଁ ସହାୟତା ଦେବାକୁ ରାସ୍ତା ଉପରେ ପଥଚାରୀଙ୍କୁ ନିବେଦନ କରିଥିଲେ। ପ୍ରକାଶ ନାୟକ, ସମରଜିତ୍ ପଣ୍ଡା, ପ୍ରସନଜିତ୍ ଜେନା, ରୁଦ୍ର ପ୍ରସାଦ ନାୟକ, ଶକ୍ତି ପ୍ରସାଦ ଜେନା, ରିତେଶ ନାୟକ ପ୍ରମୁଖ ସାମିଲ ହୋଇଥିଲେ। ସଂଗୃହୀତ ଅର୍ଥ ରାଜବୀରଙ୍କ ମ'ଙ୍କ ନିକଟକୁ ପଠାଯିବ ବୋଲି ଅଂଶୁମାନ ଜେନା କହିଛନ୍ତି।

### କୋରେକ୍ସ ବିକ୍ରି କରି ଯୁବକ ଗିରଫ

ପୁରୀ ଅଫିସ, ୨୦।୨ -କୋରେକ୍ସ ବିକ୍ରି ଅଭିଯୋଗରେ ବାସେଳି ସାହି ଥାନା ପୋଲିସ ରବିବାର ମାର୍କେଣ୍ଡେଶ୍ୱର ସାହି ମିଶ୍ର ନୋଳିଆ ସାହିର ତ୍ରିପତି ନାୟକ ଓରଫ ନଣ୍ଡାଙ୍କୁ ଗିରଫ କରିଛି। ତାଙ୍କଠାରୁ ୨୫ ବୋତଲ କୋରେକ୍ସ ଜବତ ହୋଇଛି। ଏ ନେଇ ପୋଲିସ ଏକ କେସ୍ (ନଂ ୩୫/୨୨)ରୁଜୁ କରିଛି।

### ବିଶ୍ୱଶାନ୍ତି ମହାଯଜ୍ଞ

କୃଷ୍ଣପ୍ରସାଦ,୨୦।୨(ଡି.ଏନ୍.ଏ.): ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଧୀନ ମର୍ଦ୍ଦରାଜପୁର ଗ୍ରାମସ୍ଥିତ ମା' ଚଣ୍ଡୀ ଠାକୁରାଣୀଙ୍କ ୩୬ତମ ବାର୍ଷିକ ଉତ୍ସବ କୋଭିଡ୍ କଟକଣା ମଧ୍ୟରେ ଅନୁଷ୍ଠିତ ହେଉଛି। ଏହି ଅବସରରେ ଶନିବାର ଠାରୁ ବିଶ୍ୱଶାନ୍ତି ମହାଯଜ୍ଞ ଆୟୋଜନ କରାଯାଇଛି। ନାମଯଜ୍ଞ, ଘୃତଯଜ୍ଞ, ଅନ୍ନଯଜ୍ଞ ସହିତ ପ୍ରତ୍ୟେହ ସନ୍ଧ୍ୟାରେ ଅଞ୍ଚଳର ପାଇକ ଆଖଡା ଗୁରୁ ଭୋବନୀ ବିଶ୍ୱାଳଙ୍କ ନେତୃତ୍ୱରେ ସମରକଳା ପଦର୍ଶନ କରାଯାଉଛି। ପୂଜାର୍ଚ୍ଚନା ପାଇଁ ପଣ୍ଡିତ ବସନ୍ତ ପତିଙ୍କ ତତ୍ତ୍ୱାବଧାନରେ ୫ଜଣ ବ୍ରାହ୍ମଣ ନିୟୋଜିତ ହୋଇଛନ୍ତି। ଯଜ୍ଞରେ କର୍ତ୍ତାଭାବେ କେଶବ ବିଶ୍ୱାଳ, କନକ ବିଶ୍ୱାଳ ଯୋଗଦେଇଛନ୍ତି। ମର୍ଦ୍ଦରାଜପୁର ଗ୍ରାମ୍ୟ କମିଟି ସଭାପତି ଫକୀର ନାୟକ,ସମ୍ପାଦକ ବ୍ରଜ କିଶୋର ପଲେଇ, ପୂର୍ଣ୍ଣ ବିଶ୍ୱାଳ, ପବନା ବିଶ୍ୱାଳ, ସନାତନ ନାୟକ, ଆର୍ତ୍ତତ୍ରାଣ ବିଶ୍ୱାଳ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରୁଛନ୍ତି।

# ସରିଲା ତୃତୀୟ ପର୍ଯ୍ୟାୟ ନିର୍ବାଚନ: ୮୦.୧୨% ମତଦାନ

ପୁରୀ ଅଫିସ, ୨୦।୨: ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ତୃତୀୟ ପର୍ଯ୍ୟାୟ ମତଦାନ ରବିବାର ଅନୁଷ୍ଠିତ ହୋଇଛି। ଏଥିରେ ସତ୍ୟବାଦୀ ବ୍ଲକର ୨୪ଟି ଗ୍ରାମପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ, ୩୦୫ଟି ୱାର୍ଡ, ୩ଟି ଜିଲାପରିଷଦ ଜୋନ ଏବଂ ପୁରୀ ସଦର ବ୍ଲକର ୩୦ଟି ଗ୍ରାମପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ, ୪୨୩ଟି ୱାର୍ଡ, ୩ଟି ଜିଲାପରିଷଦ ଜୋନ ଆସନ ନିମନ୍ତେ ମତଦାନ ହୋଇଥିଲା। ସମୁଦାୟ ଦୁଇଟି ବ୍ଲକର ୫୪ଟି ଗ୍ରାମପଞ୍ଚାୟତର ୭୨୮ଟି ୱାର୍ଡ ଓ ୬ଟି ଜିଲାପରିଷଦ ଜୋନରେ ମତଦାନ ଅନୁଷ୍ଠିତ ହୋଇଛି। ନିର୍ବାଚନରେ ସତ୍ୟବାଦୀର ବ୍ଲକ୍‌ରେ ୮୩ ସରପଞ୍ଚ ୮୬ ସମିତିସଭ୍ୟ, ୮୨୨ ୱାର୍ଡମେମ୍ବର, ୨୪ ଜିଲାପରିଷଦ ପ୍ରାର୍ଥୀ ନିଜ ଭାଗ୍ୟ ପରୀକ୍ଷା କରିଛନ୍ତି। ସେହିପରି ପୁରୀ ସଦର ବ୍ଲକରେ ୧୨୫ ସରପଞ୍ଚ, ୯୭ ସମିତି ସଭ୍ୟ, ୮୩୫ ୱାର୍ଡମେମ୍ବର, ୧୬ ଜିଲା ପରିଷଦ ପ୍ରାର୍ଥୀ ସେମାନଙ୍କ ଭାଗ୍ୟ ପରୀକ୍ଷା କରିଛନ୍ତି। ତୃତୀୟ ପର୍ଯ୍ୟାୟ ନିର୍ବାଚନରେ ସତ୍ୟବାଦୀ ବ୍ଲକରେ ୯୪୧୭୨, ପୁରୀ ସଦରର ୧୨୪୮୦୧ ଜଣଙ୍କୁ ମିଶାଇ ମୋଟ ୨, ୧୮, ୯୭୩ ଜଣ ମତଦାତା ରହିଛନ୍ତି।



ସାକ୍ଷୀଗୋପାଳର ଏକ ବୁଥ୍‌ରେ ରବିବାର ଜଣେ ମହିଳା ଭୋଟର ମତଦାନ କରୁଛନ୍ତି।

ସେମାନେ ରବିବାର ନିଜ ପସନ୍ଦର ପ୍ରାର୍ଥୀ ମାନଙ୍କୁ ଭୋଟ ଦେଇଛନ୍ତି। ପ୍ରଶାସନ ପକ୍ଷରୁ ସତ୍ୟବାଦୀ ପାଇଁ ୨୪ ଏବଂ ପୁରୀ ସଦର ପାଇଁ ୨୯ ଜଣ ସେକ୍ଟର ଅଫିସର ନିଯୁକ୍ତ କରାଯାଇଥିଲା। ଉଭୟ ବ୍ଲକରେ ୧୫୧ଟି ସମ୍ବେଦନଶୀଳ ମତଦାନ କେନ୍ଦ୍ର ରହିଥିଲା। ସତ୍ୟବାଦୀ ବ୍ଲକ ପେଣ୍ଠପଡା ପଞ୍ଚାୟତର ୬ନଂ ୱାର୍ଡ, ପୁରୀ ସଦର ଗୋପୀନାଥପୁର ପଞ୍ଚାୟତର ୫ନଂ ୱାର୍ଡକୁ ପିଙ୍କ ବୁଥ କରାଯାଇଥିଲା। ମତଦାନ ଶାନ୍ତିପୂର୍ଣ୍ଣ ରହିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ସତ୍ୟବାଦୀ ଓ ପୁରୀ ସଦର ବ୍ଲକରେ ୮୦.୧୨ ପ୍ରତିଶତ ମତଦାନ ହୋଇଛି। ସତ୍ୟବାଦୀରେ ୮୦.୨୪ ଏବଂ ପୁରୀ ସଦର ବ୍ଲକରେ ୮୦ ପ୍ରତିଶତ ମତଦାନ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ସମସ୍ତ ଭୋଟ ବାକ୍ସକୁ ସଂପୃକ୍ତ ବ୍ଲକର ଷ୍ଟ୍ରଙ୍ଗରୁମ୍‌ରେ ରଖାଯାଇ ସିଲ କରାଯିବା ସହ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଆସନ୍ତା୨୬ ତାରିଖରେ ଭୋଟ ଗଣତି ହେବ। ସେହିପରି ୨୨ ତାରିଖରେ ଚତୁର୍ଥ ପର୍ଯ୍ୟାୟ ମତଦାନ ହେବ। ଡେଲାଙ୍ଗ ବ୍ଲକର ୨୧ଟି ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ, ୨୯୧ଟି ୱାର୍ଡ, ୩ଟି ଜିଲାପରିଷଦ ଜୋନ ଏବଂ ପିପିଲି ବ୍ଲକର ୨୫ଟି ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ, ୩୫୪ଟି ୱାର୍ଡ, ୩ଟି ଜିଲାପରିଷଦ ଜୋନ ନିମନ୍ତେ ମତଦାନ ହେବ। ଡେଲାଙ୍ଗ ବ୍ଲକରେ ୧୦,୨୫୫୨ ଓ ପିପିଲିରେ ୧୧, ୬୧୨୯ ଜଣଙ୍କୁ ମିଶାଇ ମୋଟ ୨୧୮୬୮୧ ମତଦାତା ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ। ଉଭୟ ବ୍ଲକରେ ୧୪୪ଟି ସମ୍ବେଦନଶୀଳ ମତଦାନ କେନ୍ଦ୍ର ରହିଛି। ଡେଲାଙ୍ଗ ବ୍ଲକ ଗଡମୋଟରି ପଞ୍ଚାୟତର ୧୨ନଂ ୱାର୍ଡ, ପିପିଲି ଦାଣ୍ଡମୁକୁନ୍ଦପୁର ପଞ୍ଚାୟତର ୬, ୮ ଓ ୧୧ନଂ ୱାର୍ଡକୁ ପିଙ୍କ ବୁଥ କରାଯାଇଛି। ଚତୁର୍ଥ ପର୍ଯ୍ୟାୟ ମତଦାନ ନିମନ୍ତେ ରବିବାର ପୋଲିଂ ପାର୍ଟିମାନେ ସଂପୃକ୍ତ ବ୍ଲକରେ ରିପୋର୍ଟିଂ କରିବା ପରେ ସେମାନଙ୍କ ମତଦାନ କେନ୍ଦ୍ରରେ ପହଞ୍ଚିଛନ୍ତି। ମତଦାନ ପରେ ଆସନ୍ତା ୨୬ ତାରିଖରେ ଭୋଟ ଗଣତି ହେବ।

## ସତ୍ୟବାଦୀରେ ୮୦.୨୪% ମତଦାନ

ସାକ୍ଷୀଗୋପାଳ,୨୦।୨(ଡି.ଏନ୍.ଏ.): ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ତୃତୀୟ ପର୍ଯ୍ୟାୟ ଭୋଟଗ୍ରହଣ ରବିବାର ସତ୍ୟବାଦୀ ବ୍ଲକର ୨୪ଟି ପଞ୍ଚାୟତରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକରେ ୯୪,୧୭୬ଜଣ ଭୋଟର ଥିବା ବେଳେ ୮୦.୨୪ ପ୍ରତିଶତ ମତଦାନ ହୋଇଛି। ୨୪ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ, ୩ ଜିଲା ପରିଷଦ ଏବଂ ୩୦୫ଟି ୱାର୍ଡସଭ୍ୟ ଆସନ ନିମନ୍ତେ ଶାନ୍ତିପୂର୍ଣ୍ଣ ଭାବେ ମତଦାନ ନିର୍ଦ୍ଧାରିତ ସମୟରେ ଶେଷ ହୋଇଛି ବୋଲି ବ୍ଲକ ନିର୍ବାଚନ ଅଧିକାରୀ ତଥା ବିଡିଓ କ୍ଷୀରୋଦ ବେହେରା କହିଛନ୍ତି। ସାକ୍ଷୀଗୋପାଳ ବସଷ୍ଟାଣ୍ଡସ୍ଥିତ ସତ୍ୟବାଦୀ ଉନ୍ନୀତ ଉଚ୍ଚ ଇଂରାଜୀ ବିଦ୍ୟାଳୟରେ ପିଙ୍କ ବୁଥ୍‌କେନ୍ଦ୍ର ଖୋଲାଯାଇଥିଲା। ସନ୍ଧ୍ୟା ପୂର୍ବରୁ ସମସ୍ତ ବାଲଟବକ୍ସ ସାକ୍ଷୀଗୋପାଳ କଲେଜର ଷ୍ଟ୍ରଙ୍ଗରୁମରେ ରଖାଯାଇଛି। ଶାନ୍ତିଶୃଙ୍ଖଳା ଓ ନିରପେକ୍ଷ ମତଦାନ ନିମନ୍ତେ ତହସିଲଦାର ଜୟନ୍ତ କୁମାର ଜୟସିଂ ଓ ଅନ୍ୟ ୩ ମାଜିଷ୍ଟ୍ରେଟ, ପିପିଲି ଏସ୍‌ଡିପିଓ ଦେବଦତ୍ତ ବରାଳ, ସତ୍ୟବାଦୀ ଥାନା ଆଇଆଇସି ଦିଲୀପ କୁମାର ଧଳ ବୁଥକେନ୍ଦ୍ର ବୁଲି ଦେଖିଥିଲେ। ଜିଲା ପର୍ଯ୍ୟବେକ୍ଷକ ସ୍ୱତନ୍ତ୍ର ଭାବେ ନିର୍ବାଚନ ପରିଚାଳନା ଅନୁଧ୍ୟାନ କରିଥିଲେ।





ପିପିଲି ଇନ୍ଦିରା ମୈଦାନରେ ରବିବାର ଆୟୋଜିତ ପିପିଲି ହାଇସ୍କୁଲର ୧୯୯୯ ମାଟ୍ରିକ୍ ବ୍ୟାଚ୍ ବନ୍ଧୁମିଳନ କାର୍ଯ୍ୟକ୍ରମରେ କେକ୍ କଟାଯାଉଛି।

## ଭାଷା, ସାହିତ୍ୟ ସରଳ ଓ ବୋଧଗମ୍ୟ ହେବା ଉଚିତ

ଭୁବନେଶ୍ୱର,୨୦।୨(ବ୍ୟୁରୋ): ଭାଷା ଓ ସାହିତ୍ୟ ସହଜ, ସରଳ ତଥା ବୋଧଗମ୍ୟ ହେବା ଉଚିତ। ଏହା ହେଲେ ସାଧାରଣ ପାଠକ ସହଜରେ ଗ୍ରହଣ କରିବା ସହିତ ମାତୃଭାଷା ସମୃଦ୍ଧ ହେବ। ଓଡ଼ିଆ ଭର୍ଚୁଆଲ ଏକାଡେମୀଠାରେ ରବିବାର ଅଷ୍ଟମ ଅନ୍ତର୍ଜାତୀୟ ମାତୃଭାଷା ସମ୍ମିଳନୀକୁ ଉଦ୍‌ଘାଟନ କରି ସାହିତ୍ୟିକ ପଦ୍ମଭୂଷଣ ଡ. ରମାକାନ୍ତ ରଥ ଏହା କହିଛନ୍ତି।

ଓଡ଼ିଆ ବୁଦ୍ଧିଜୀବୀ ଫୋରମ ଦି ଇଣ୍ଟେଲେକ୍ଟସ ପକ୍ଷରୁ ଅଧ୍ୟକ୍ଷ ଦେବେନ୍ଦ୍ର ନାଥ ରାଉତଙ୍କ ଆବାହକତ୍ୱରେ ଆୟୋଜିତ ଏହି ସମ୍ମିଳନୀରେ ଚିନ୍ତକ ଡ. ଭଗବାନ ପ୍ରକାଶ, ଭାଷାବିତ୍ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ, ସାହିତ୍ୟିକ ତଥା ରାଜନେତା ପ୍ରସନ୍ନ ପାଟଶାଣୀ, କେନ୍ଦ୍ର ସାହିତ୍ୟ ଏକାଡେମୀ ଓଡ଼ିଆ ଭାଷାର ଆବାହକ ବିଜୟାନନ୍ଦ ସିଂ, ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେଶନ ସେଣ୍ଟରର ପ୍ରଭାରୀ ମଧୁମିତା ରାଉତ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ପ୍ରବୋଧ କୁମାର ରାଉତ ଏହି ଉଦଘାଟନୀ ଯୋଗଦେଇ ଥିଲେ। ଏହି ଅବସରରେ ଓଡ଼ିଆ ସାହିତ୍ୟକୁ ଜୀବନବ୍ୟାପୀ ଅବଦାନ ପାଇଁ 'ଆମ ଗୌରବ ସମ୍ମାନ-୨୦୨୨' ପ୍ରଦାନ କରାଯାଇଥିଲା। ଏହି ମାତୃଭାଷା ମହାକୁମ୍ଭ ଦୁଇଦିନ ଧରି ପାଳନ କରାଯିବ। ସୋମବାର ଶେଷ ଦିନରେ ଓଡ଼ିଆ ଭାଷା ସହିତ ସମସ୍ତ ଭାରତୀୟ ଶାସ୍ତ୍ରୀୟ ଭାଷା ଓ ଲୋକପ୍ରିୟ ଭାଷାର ବିଶେଷଜ୍ଞମାନେ ଯୋଗଦେଇ ମାତୃଭାଷାର ବିଭିନ୍ନ ଦିଗ ବିଷୟରେ ଆଲୋଚନା କରିବେ। ଏଥିସହିତ ଓଡ଼ିଆ ଭାଷାକୁ ସମୃଦ୍ଧ କରିବା ପାଇଁ ବିଭିନ୍ନ କ୍ଷେତ୍ରରେ ବିଶେଷ ଅବଦାନ ରଖିଥିବା ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ମାନିତ କରାଯିବ ବୋଲି ଆବାହକ ରାଉତ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ୩୦ ଦେଶରୁ ବିଶିଷ୍ଟ ଓଡ଼ିଆ ବ୍ୟକ୍ତିତ୍ୱମାନେ ଯୋଗ ଦେଇଥିଲେ।

## ଭତ୍ତା ଟଙ୍କା ବୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ପୁରୀ ଅଫିସ, ୨୦।୨: ମଧୁବାବୁ ପେନସନ୍ ଯୋଜନାରେ ଭତ୍ତା ଟଙ୍କା ବୃଦ୍ଧି ସହ ଅସହାୟ ଭତ୍ତାଧିକାରୀଙ୍କୁ ସୁବିଧାରେ ଭତ୍ତା ଟଙ୍କା ଯୋଗାଇ ଦେବାକୁ ଦାବି କରି ପୁରୀ ଜିଲା ଭତ୍ତା ସହାସଂଘର ଆବାହକ ମାନସ କୁମାର ପ୍ରଧାନଙ୍କ ନେତୃତ୍ୱରେ ଏକ ସଭା ଆୟୋଜନ ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଦାବିପତ୍ର ଦିଆଯାଇଛି। ମହାସଂଘର ଆବାହକ ପ୍ରଧାନ କହିଛନ୍ତି, ଅନ୍ୟ ରାଜ୍ୟରେ ଭତ୍ତାଧିକାରୀମାନେ ମାସକୁ ୨ହଜାର ଟଙ୍କାରୁ ଅଧିକ ଟଙ୍କା ପାଉଥିବାବେଳେ ରାଜ୍ୟ ସରକାର ଭତ୍ତାଧିକାରୀଙ୍କୁ ବହୁତ କମ୍ ଟଙ୍କା ଦେଉଛନ୍ତି। ୬୦ ବର୍ଷରୁ ଊର୍ଦ୍ଧ୍ୱ ହିତାଧିକାରଙ୍କୁ ସରକାର ୫ଶହ ଟଙ୍କା ଏବଂ ୮୦ ବର୍ଷରୁ ଊର୍ଦ୍ଧ୍ୱ ହିତାଧିକରୀଙ୍କୁ ୭ଶହ ଟଙ୍କା ଓଡ଼ିଶା ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଉଛି। ଯାହାକୁ ହିସାବ କଲେ ଦିନକୁ ୧୭ ଓ ୨୩ ଟଙ୍କା ହିସାବରେ ମିଳୁଛି। ଏହା ସମୁଦ୍ରକୁ ଶଙ୍ଖେ ସଦୃଶ। ଏନେଇ ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ପଦକ୍ଷେପ ନିଆଯାଇନାହିଁ। ସେହିପରି ଭିନ୍ନକ୍ଷମ ଏବଂ ଅସହାୟ ବୃଦ୍ଧାବୃଦ୍ଧଙ୍କୁ ବ୍ୟାଙ୍କକୁ ଯାଇ ଭତ୍ତା ଆଣିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ପୂର୍ବରୁ ହିତାଧିକାରୀ ଯେପରି ପଞ୍ଚାୟତ ଯାଇ ଭତ୍ତା ଟଙ୍କା ଆଣୁଥିଲେ, ସେହିପରି ବ୍ୟବସ୍ଥା କରିବାକୁ ମହାସଂଘ ଦାବି କରିଛି। ନଚେତ ଆନ୍ଦୋଳନ କରାଯିବ। ସୂଚନାଯୋଗ୍ୟ, ଗତ ୧୩ ତାରିଖରେ ମହାସଂଘ ପକ୍ଷରୁ ରାଜ୍ୟପାଳଙ୍କୁ ଏ ସଂକ୍ରାନ୍ତରେ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।

## ଜେଲଗଲେ ସ୍ୱାମୀ, ଶ୍ୱଶୁର

ନିରାକାରପୁର,୨୦।୨(ଡି.ଏନ୍.ଏ.) ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ପୋଲିସ ଶନିବାର ଜଣେ ମହିଳାଙ୍କ ମୃତଦେହ ଜବତ କରିଥିଲା। ମୃତା ହେଲେ ଏହି ଥାନା ଅଧୀନ ବାଲିଗାଡ଼ିଆ ଗ୍ରାମର ଜ୍ୟୋତ୍ସ୍ନା ପ୍ରଧାନ(୨୫)। ଏହି ଘଟଣାରେ ରବିବାର ପୋଲିସ ମୃତାଙ୍କ ସ୍ୱାମୀ ସୁନିଲ ସାମନ୍ତରାୟ ଓ ଶ୍ୱଶୁର ରତିକାନ୍ତ ସାମନ୍ତରାୟଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ଏମାନଙ୍କୁ ଜେଲକୁ ପଠାଇ ଦିଆଯାଇଛି ବୋଲି ଥାନା ଅଧିକାରୀ ଦିଗବିଜୟୀ ବିଶ୍ୱାଳ କହିଛନ୍ତି। ସୂଚନାଥାଉ କି, କଟକ ଜିଲା ସଦର ଥାନା ଅନ୍ତର୍ଗତ ନୂଆଗଡ଼ ତେଲେଙ୍ଗାପେଣ୍ଠ ସାହିର ଜ୍ୟୋତ୍ସ୍ନା ୭ମାସ ପୂର୍ବେ ବାଲିଗାଡ଼ିଆ ଗ୍ରାମର ସୁନିଲଙ୍କୁ ବିବାହ କରିଥିଲେ। ତେବେ କୌଣସି କାରଣ ନେଇ ଶୁକ୍ରବାର ଅପରାହ୍ନରେ ଜ୍ୟୋତ୍ସ୍ନା ଫ୍ୟାନ୍‌ରେ ଝୁଲୁଥିବା ଦେଖି ଶାଶୁଘର ଲୋକେ ସଙ୍ଗେସଙ୍ଗେ ଚିକିତ୍ସା ପାଇଁ ମେଡିକାଲ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ବାପଘର ଲୋକଙ୍କୁ ହସ୍ତାନ୍ତର କରିଥିଲା। ବ୍ୟବଚ୍ଛେଦ ବେଳେ ମୃତା ଗର୍ଭବତୀ ଥିବା ଜଣାପଡ଼ିଥିଲା। ଅନ୍ୟପକ୍ଷରେ ତାଙ୍କ ଝିଅକୁ ଶାଶୁଘର ଲୋକେ ମୋରି ଫ୍ୟାନ୍‌ରେ ଝୁଲାଇ ଦେଇଛନ୍ତି ବୋଲି ବାପା ଅଶୋକ ପ୍ରଧାନ ଥାନାରେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ପୋଲିସ ହତ୍ୟା ମାମଲା (ନଂ.୭୫/୨୨) ରୁଜୁକରି ତଦନ୍ତ ଚଳାଇଥିଲା।

## ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କଲେ ମନ୍ତ୍ରୀ



ମନ୍ତ୍ରୀ ତୁଷାରକାନ୍ତି ବେହେରା ରବିବାର ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରୁଛନ୍ତି।

ଅସ୍ତରଙ୍ଗ,୨୦।୨(ଡି.ଏନ୍.ଏ.): ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ବିଭିନ୍ନ ଦଳର ପ୍ରାର୍ଥୀମାନେ ଜୋରଦାର ପ୍ରଚାର ଚଳାଇଛନ୍ତି। ଏହି ପରିପ୍ରେକ୍ଷୀରେ ମନ୍ତ୍ରୀ ତୁଷାରକାନ୍ତି ବେହେରା ରବିବାର ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବା ସହ ଭୋଟ୍ ଦେବା ପାଇଁ ନିବେଦନ କରିଥିଲେ। ନଗର ପଞ୍ଚାୟତ ଦିନାଡିଆରୁ ସମର୍ଥକଙ୍କ ସହ ଶୋଭାଯାତ୍ରାରେ ଯାଇ ବିଭିନ୍ନ ଗାଁ ବୁଲି ସରପଞ୍ଚ ପ୍ରାର୍ଥୀ ନଳିନୀ କାନ୍ତ ପଲାଉରି, ସମିତିସଭ୍ୟ ପ୍ରାର୍ଥୀ କଲ୍ୟାଣୀ ଗୁରୁଙ୍କୁ ଭୋଟ୍ ଦେବାକୁ ନିବେଦନ କରିଥିଲେ। ମନ୍ତ୍ରୀ ବେହେରାଙ୍କ ସହ ୨ନମ୍ବର ଜୋନ ଜିଲାପରିଷଦ ପ୍ରାର୍ଥୀ ବନିତା ବେହେରା ମଧ୍ୟ ଭୋଟ ଭିକ୍ଷା କରିଥିଲେ। ଏହି ଶୋଭାଯାତ୍ରାରେ ପ୍ରାୟ ବହୁ ଦଳୀୟ କର୍ମୀ ସାମିଲ ହୋଇଥିଲେ।

## ୪ର୍ଥ ପର୍ଯ୍ୟାୟ ଭୋଟ ୨୨ରେ: ମତଦାନ କେନ୍ଦ୍ରରେ ପହଞ୍ଚିଲେ ପୋଲିଂ ଦଳ

ଡେଲାଙ୍ଗ, ୨୦।୨(ଡି.ଏନ୍.ଏ) ଡେଲାଙ୍ଗ ବ୍ଲକରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ୪ର୍ଥ ପର୍ଯ୍ୟାୟ ଆଗାମୀ ୨୨ ତାରିଖରେ ସକାଳ ୭ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏନେଇ ପ୍ରଶାସନ ପ୍ରସ୍ତୁତି ଶେଷ କରିଛି। ବ୍ଲକର ୨୧ଟି ପଞ୍ଚାୟତରେ ୧ ଲକ୍ଷ ୨ ହଜାର ୫୫୨ ଭୋଟର ମତଦାନ କରିବେ। ରବିବାର ଡେଲାଙ୍ଗ ବ୍ଲକ କାର୍ଯ୍ୟାଳୟ ପରିସରରେ ପୋଲିଂ ଦଳ ପହଞ୍ଚିଥିଲେ। ବ୍ଲକ ଉନ୍ନୟନ ଅଧିକାରୀ ଦିଲୀପ କୁମାର ଷଡଙ୍ଗୀ, ଜିପିଓ ରତିକାନ୍ତ ସାହୁ, ସହକାରୀ ଯନ୍ତ୍ରୀ ରାଜେଶ୍ୱର ମହାରଣା, କନିଷ୍ଠ ଯନ୍ତ୍ରୀ ଜଗନ୍ନାଥ ରାଉତ ପ୍ରମୁଖ ପହଞ୍ଚି କାର୍ଯ୍ୟର ତଦାରଖ କରିଥିଲେ। ଜେନାପୁର, ଗୁଆଳିପଡା, ଘନିପୁର, ଚାଇଁପୁର, ସାଉରିଆ, ଅରିସଲ, ଗଡମୋଟରୀ, କଲ୍ୟାଣପୁର, ମୁନିନ୍ଦା ପ୍ରଭୃତି ପଞ୍ଚାୟତର ୫୨ ମତଦାନ କେନ୍ଦ୍ରକୁ ସମ୍ବେଦନଶୀଳ ଭାବେ ଚିହ୍ନଟ କରାଯାଇଛି। ମତଦାନ ଦିନ କେନ୍ଦ୍ରରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯିବା ସହ ପୋଲିସ ପକ୍ଷରୁ ବ୍ୟାପକ ଫୋର୍ସ ମୁତୟନ କରାଯାଇଛି। ରବିବାରଠାରୁ କେନ୍ଦ୍ରରେ ପୋଲିସ ପାଟ୍ରୋଲିଂ କରୁଥିବା ଆଇଆଇସି ଅନିଲ କୁମାର ମହାନ୍ତି କହିଛନ୍ତି। ଭୋଟ ପରେ ୨୬ରୁ ୨୮ ତାରିଖ ପର୍ଯ୍ୟନ୍ତ ଗଣତି କରାଯାଇ ଫଳାଫଳ ଘୋଷଣା କରାଯିବ।

## ବାଲଟ୍ ବକ୍ସ ସୁରକ୍ଷା ନେଇ ଚିନ୍ତାରେ ପ୍ରାର୍ଥୀ

ନିମାପଡ଼ା,୨୦।୨(ଡି.ଏନ୍.ଏ.): ନିମାପଡ଼ା ବ୍ଲକରେ ଗତ ୧୮ତାରିଖରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଶେଷ ହୋଇଛି। ମତଦାନ ପରେ ବାଲଟ ବକ୍ସକୁ ନିମାପଡ଼ା ବ୍ଲକ କାର୍ଯ୍ୟାଳୟରେ ଥିବା ଷ୍ଟ୍ରଙ୍ଗରୁମରେ ରଖାଯାଇଛି। ଏହାର ସୁରକ୍ଷା ପାଇଁ ପୋଲିସ ମୁତୟନ ହୋଇଛନ୍ତି। ତେବେ ବାଲ୍‌ଟ ବକ୍ସର ସୁରକ୍ଷା ନେଇ ଭାଜପା ପ୍ରାର୍ଥୀ ଓ କର୍ମୀଙ୍କ ମଧ୍ୟରେ ଆଶଙ୍କା ଦେଖାଦେଇଛି। ଏନେଇ ଗତ ୧୮ତାରିଖରୁ ଭାଜପା କର୍ମୀମାନେ ଷ୍ଟ୍ରଙ୍ଗରୁମ ନିକଟରେ ପହରା ଦେଉଥିବା ଦେଖିବାକୁ ମିଳିଛି। ଭୋଟ୍ ଗଣତି ନ ହେବା ପର୍ଯ୍ୟନ୍ତ ଏଠାରେ ପାଳିକରି ପହରା ଦିଆଯିବ ବୋଲି ଭାଜପାର ରଞ୍ଜନ ପ୍ରଧାନ, ଜାନକୀନାଥ ଜେନା, ନୀଳାଦ୍ରିନାଥ ମଙ୍ଗରାଜ, ହେମନ୍ତ ସେଠୀ, ପ୍ରସନ୍ନ ରାଉତ, ନିତ୍ୟାନନ୍ଦ ପରିଡ଼ା ପ୍ରମୁଖ କାର୍ଯ୍ୟକର୍ତ୍ତା କହିଛନ୍ତି। ଅନ୍ୟପକ୍ଷରେ ଏ ସମ୍ପର୍କରେ ବ୍ଲକ ନିର୍ବାଚନ ଅଧିକାରୀ ତଥା ବିଡିଓ ବସନ୍ତ କୁମାର ମଲ୍ଲିକ କହିଛନ୍ତି, ଷ୍ଟ୍ରଙ୍ଗରୁମରେ ବାଲଟବକ୍ସକୁ ସୁରକ୍ଷିତ ଭାବେ ରଖାଯାଇଛି। ସୁରକ୍ଷା ଦାୟିତ୍ୱରେ ପୋଲିସ ନିୟୋଜିତ ହେବା ସହ ସିସିଟିଭି ନଜରରେ ରହିଛି ବୋଲି ସେ କହିଛନ୍ତି।



ଷ୍ଟ୍ରଙ୍ଗରୁମକୁ ପୋଲିସ ଜଗି ରହିଛି।

## ଷ୍ଟ୍ରଙ୍ଗରୁମ୍ ପରିଦର୍ଶନ କଲେ ବିଡିଓ

କଣାସ, ୨୦।୨(ସ୍ୱ.ପ୍ର): କଣାସ ବ୍ଲକରେ ଗତ ୧୬ ତାରିଖରେ ୩୫୯ଟି ବୁଥରେ ନିର୍ବାଚନ ପାଇଁ ମତଦାନ ସରିଛି। ଏହାପରେ ୩, ୪, ୫ନଂ. ଜୋନ୍‌ର ଭୋଟବାକ୍ସଗୁଡିକୁ କଣାସ ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ୩ଟି ଗୃହରେ ପୃଥକ ପୃଥକ ଭାବେ ସୁରକ୍ଷିତ ଭାବେ ରଖାଯାଇଛି। ପ୍ରତିଦିନ ଭୋଟଗଣତି ପର୍ଯ୍ୟନ୍ତ ବିଡିଓ ତଥା ବ୍ଲକ ନିର୍ବାଚନ ଅଧିକାରୀ ଲୋଚନ ଦାସ ସକାଳେ ଓ ସନ୍ଧ୍ୟାରେ ୨ଥର ଷ୍ଟ୍ରଙ୍ଗରୁମ୍ ପରିଦର୍ଶନରେ ଯାଉଛନ୍ତି।

## ଭୋଟ ଗଣତିବେଳେ ୨୦୦ ମିଟର ପର୍ଯ୍ୟନ୍ତ ବନ୍ଦ ରହିବ ଦୋକାନ

କଣାସ, ୨୦।୨(ସ୍ୱ.ପ୍ର) କଣାସ ବ୍ଲକରେ ଭୋଟ ଗଣତିବେଳେ ୨୦୦ ମିଟର ଭିତରେ ଥିବା ଦୋକାନଗୁଡିକ ସବୁ ବନ୍ଦ ରହିବ। ଏଥିସହ ପ୍ରାର୍ଥୀମାନଙ୍କର ସମର୍ଥକ ସେଠାରେ ନ ରହି ଦୋକନ୍ଦା ମେଳଣ ପଡିଆରେ ରହିବା ପାଇଁ ବିଡିଓ ଲୋଚନ ଦାସ ଓ ତହସିଲଦାର ଲକ୍ଷ୍ମୀଧର ମହାରଣା ନିର୍ଦ୍ଦେଶ ଦେଇଛନ୍ତି। କଣାସ ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ୨୬ ତାରିଖରୁ ଗଣତି ଆରମ୍ଭ ହେବ। ପ୍ରଥମ ଦିନ ୩ନଂ. ଜୋନ୍, ୨୭ ତାରିଖରେ ୪ନଂ. ଜୋନ୍ ଏବଂ ୨୮ ତାରିଖରେ ୫ନଂ. ଜୋନ୍‌ର ଭୋଟ ଗଣତି କରାଯିବ। ଭୋଟ ଗଣତିବେଳେ ପ୍ରଶାସନ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ କେତେକ ନିୟମ କଡାକଡି କରାଯାଇଛି। ଦୋକନ୍ଦାରୁ କଣାସକୁ ସଂଯୋଗ କରୁଥିବା ରାସ୍ତା ଓ କଣାସରୁ ଜଙ୍କିଆ ଦୟାନଦୀ ବନ୍ଧରେ ଯାଇଥିବା ରାସ୍ତାକୁ ଉକ୍ତ ୩ଦିନ ବନ୍ଦ ରଖାଯାଇଛି। ସେହି ରାସ୍ତାରେ କୌଣସି ଭାରିଯାନ ଓ ୪ ଚକିଆ ଯାନ ଯାତାୟାତ ନ କରିବା ପାଇଁ ତହସିଲଦାର ନିର୍ଦ୍ଦେଶ ଦେଇଛନ୍ତି।

## ଥଇଥାନ ଦାବି କଲେ ଦୋକାନୀ

କଣାସ, ୨୦।୨(ସ୍ୱ.ପ୍ର): ବିଦ୍ୟାଳୟ ପାର୍ଶ୍ୱରେ ଥିବା ଦୋକାନୀଙ୍କୁ ଥଇଥାନ ନେଇ ଜାଗା ଯୋଗାଇ ଦେବାକୁ ଦୋକାନୀ ବିଡିଓ ଲୋଚନ ଦାସଙ୍କ ନିକଟରେ ଦାବି କରିଛନ୍ତି। ସୂଚନା ମୁତାବକ, କଣାସ ବ୍ଲକର ସର୍ବପୁରାତନ କଣାସ ସରକାରୀ ଉଚ୍ଚବିଦ୍ୟାଳୟକୁ ୫-ଟି ବିଦ୍ୟାଳୟରେ ପରିଣତ କରାଯାଇଛି। ବିଦ୍ୟାଳୟକୁ ସରସ ସୁନ୍ଦର କରିବା ପାଇଁ ପାର୍ଶ୍ୱରେ ଥିବା ଦୋକାନଗୁଡିକୁ ଭାଙ୍ଗିବା ପାଇଁ କଣାସ ତହସିଲଦାର ଲକ୍ଷ୍ମୀଧର ମହାରଣା ନିର୍ଦ୍ଦେଶ ଦେଇଥିବା ବିଡିଓ ସୂଚନା ଦେଇଛନ୍ତି। ତେବେ ସେଠାରେ ଦୀର୍ଘଦିନ ଧରି ୧୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଚା', ଷ୍ଟେସନେରି, ସାଇକେଲ ମରାମତି ଦୋକାନ କରି ପରିବାର ପୋଷଣ କରିଆସୁଛନ୍ତି। ଦୋକାନ ସବୁ ଉଠିଗଲେ ସେମାନେ ଏବେ କିପରି ଚଳିବେ ବୋଲି ବିଡିଓଙ୍କୁ ପ୍ରଶ୍ନ କରିବା ସହ ସହାୟତା ମାଗିଛନ୍ତି।

## ଆମ ପରିବେଶ ଆମ ଦାୟିତ୍ୱ

ପୁରୀ ଅଫିସ, ୨୦।୨: ଉମିଦ୍ ଫାଉଣ୍ଡେଶନ ଏବଂ ଆମ ଶ୍ରୀକ୍ଷେତ୍ରବାସୀ ପକ୍ଷରୁ ମିଳିତ ଭାବେ ପୁରୀ ସହରକୁ ସ୍ୱଚ୍ଛ ସବୁଜ ସହର କରିବା ନିମନ୍ତେ ପ୍ରୟାସ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ରବିବାର ତାଳବଣିଆ ଅଞ୍ଚଳରେ ଆମ ପରିବେଶ ଆମ ଦାୟିତ୍ୱ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟେକ ରବିବାର ସଫେଇ କାର୍ଯ୍ୟକ୍ରମ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଉମିଦ ଫାଉଣ୍ଡେଶନ କର୍ମକର୍ତ୍ତାଙ୍କ ସମେତ ଶିଶୁ ସମାଚାର ସମ୍ପାଦକ ସୁକାନ୍ତ ପଣ୍ଡା, ଆଇନଜୀବୀ ଦୀପକ ପଣ୍ଡା, ସତ୍ୟନାରାୟଣ ସାହୁ, ମନୋଜ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## 'ଜୀବନ ଯେମିତି' ଉନ୍ମୋଚିତ

ଭୁବନେଶ୍ୱର,୨୦।୨(ବ୍ୟୁରୋ) ଉଦ୍ୟୋଗ ବିକାଶ ମଞ୍ଚର ଅଧ୍ୟକ୍ଷ ତଥା ପୂର୍ବତନ ଏମ୍‌ଏସ୍‌ଏମ୍‌ଇ ସଚିବ ପଞ୍ଚାନନ ଦାଶଙ୍କ ଜୀବନସ୍ମୃତି ପୁସ୍ତକ 'ଜୀବନ ଯେମିତି' ରବିବାର ସ୍ଥାନୀୟ ଏକ ହୋଟେଲ ପରିସରରେ ଉନ୍ମୋଚିତ ହୋଇଯାଇଛି। ପ୍ରକାଶନ ସଂସ୍ଥା ପେନ୍ ଇନ୍ ବୁକ୍ସ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ନିର୍ବାଚନ କମିଶନର ତଥା ପୂର୍ବତନ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀ ଯୋଗଦେଇ ଲେଖକଙ୍କ ସହ ତାଙ୍କ ବ୍ୟକ୍ତିଗତ ଅଭିଜ୍ଞତା ବଖାଣିବା ସହ ରାଜ୍ୟରେ ଏମ୍‌ଏସ୍‌ଏମଇ ବିକାଶ ଦିଗରେ ପଞ୍ଚାନନ ଦାଶଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ମୁଖ୍ୟବକ୍ତା ଭାବେ କବି ତଥା ଗଣଶିକ୍ଷା ବିଭାଗ ସଚିବ ବିଷ୍ଣୁପଦ ସେଠୀ ଯୋଗଦେଇ କହିଲେ, ଏଭଳି ପୁସ୍ତକର ଅଧିକରୁ ଅଧିକ ପୁସ୍ତକ ଆବଶ୍ୟକତା ରହିଛି। ଅଭିଜ୍ଞ ଓ ସଫଳ ବ୍ୟକ୍ତିଙ୍କ ଜୀବନ ଗାଥା ପରପିଢ଼ି ପାଇଁ ପ୍ରେରଣାଦାୟୀ ହେବ ବୋଲି ସେ କହିଥିଲେ। ଲେଖକ ଦାଶ ନିଜ ଚାକିରି ଜୀବନର ଅଭିଜ୍ଞତା ବଖାଣିବା ସହ ଅବସର ପରେ ରାଜ୍ୟରେ ଏମ୍‌ଏସ୍‌ଏମ୍‌ଇର ବିକାଶ ଦିଗରେ ତାଙ୍କ ଅନୁଷ୍ଠାନର ଭୂମିକା ସମ୍ପର୍କରେ କହିଥିଲେ।